ODIA DAILY EDITION
13.12.2025
କଟକ, ଶନିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଡିସେମ୍ବର-୧୩, ୨୦୨୫
ବର୍ଷ-୩୭, ସଂଖ୍ୟା-୧୫୬
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ଜନଗଣନା ପାଇଁ ୧୧,୭୧୮ କୋଟି ବଜେଟ

## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
## ୨ ପର୍ଯ୍ୟାୟରେ ହେବ ଜନଗଣନା
## ଗଣନାରେ ୩୦ ଲକ୍ଷ କର୍ମଚାରୀ ହେବେ ନିୟୋଜିତ
## ଜାତି ପ୍ରକାଶ ବାଧ୍ୟତାମୂଳକ ନୁହେଁ



**ନୂଆଦିଲ୍ଲୀ, ୧୨।୧୨:** ୨୦୨୭ର ଜନଗଣନା ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ପଦକ୍ଷେପ। ଜନଗଣନା ପାଇଁ କେନ୍ଦ୍ରୀୟ କ୍ୟାବିନେଟ୍ ୧୧ ହଜାର ୭୧୮ କୋଟିର ବଜେଟ୍‌କୁ ମଞ୍ଜୁରୀ ଦିଆଯାଇଛି। ପ୍ରଥମ ସମଗ୍ର ଦେଶରେ ଡିଜିଟାଲ୍ ଜରିଆରେ ଜନଗଣନା କରାଯିବ। ଏଥିପାଇଁ ୩୦ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଏନେଇ ଶୁକ୍ରବାର ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ସେ କହିଛନ୍ତି, ୨୦୨୭ ଜନଗଣନା ପ୍ରଥମ ଥର ଡିଜିଟାଲ ଜନଗଣନା ହେବ। ଜନଗଣନାର ଡିଜିଟାଲ ଡିଜାଇନ୍ ତଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଜନଗଣନା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଗୃହ ଗଣନା ଏପ୍ରିଲ ୧ ରୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ଫେବୃଆରୀ ୨୦୨୭ ରେ ଜନଗଣନା ହେବ।

କେନ୍ଦ୍ର ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ପ୍ରଥମ ଥର ପାଇଁ, ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରି ଡିଜିଟାଲ ଭାବରେ ଜନଗଣନା କରାଯିବ। ଏହି ଆବେଦନ ହିନ୍ଦୀ, ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, 'ଜନଗଣନା ସମ୍ପର୍କରେ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରାଯିବ। ଏହା ଜାତି ଏବଂ ଅନ୍ୟାନ୍ୟ ସୂଚନା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବ। ଜନଗଣନା ପାଇଁ ତଥ୍ୟ ସୁରକ୍ଷା ସମ୍ପର୍କରେ ବହୁତ ପଦକ୍ଷେପ ନିଆଯାଇଛି। ଜାତି ପ୍ରକାଶ କରିବା ବାଧ୍ୟତାମୂଳକ ନୁହେଁ; ଯଦି କେହି ଚାହିଁବେ ତେବେ ବାଦ୍ ଦେଇପାରିବେ। କେବଳ ସଂଗୃହିତ ତଥ୍ୟ ପ୍ରକାଶିତ ହେବ।

# ରାଜଧାନୀରେ ନାବାଳିକାକୁ ଦୁଷ୍କର୍ମ



**ଅଭିଯୁକ୍ତ ଘର ମାଲିକ ଗିରଫ**

**ଭୁବନେଶ୍ୱର:** ରାଜଧାନୀ ଭୁବନେଶ୍ୱରରେ ଏକ ଲଜ୍ଜାଜନକ ଘଟଣା ଘଟିଛି । ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ପୀଡ଼ିତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ପ୍ରାପ୍ତ ହୋଇଛି ।

ପ୍ରାଥମିକ ସୂଚନା ମୁତାବକ, ଗତକାଲି ବାପା ମାଆ ଘରେ ନ ଥିବାବେଳେ ନାବାଳିକାଟି ଘରେ ଏକୁଟିଆ ଥିଲେ । ଏହି ସମୟରେ ଘର ମାଲିକର ଝିଅଟି ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ । ଏକୁଟିଆ ଦେଖି ନାବାଳିକାକୁ ଦୁଷ୍କର୍ମ କରିଥିଲେ । ବାପା ମାଆ ଘରକୁ ଫେରିବା ପରେ ତୁରନ୍ତ ଝିଅକୁ ମେଡ଼ିକାଲରେ ଭର୍ତ୍ତି କରିଛନ୍ତି । ପୀଡ଼ିତା ଜଣକ ଏବେବି ଚିକିତ୍ସାଧୀନ ଅଛନ୍ତି । ଏହା ସହିତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ମହିଳା ଥାନା ପୋଲିସ ମାମଲାକୁ ପରିଚାଳନା କରୁଥିବାବେଳେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇଛି ।

ରାଜ୍ୟ ମହିଳା ଆୟୋଗ ସଦସ୍ୟା ଉର୍ମିଳା ମହାପାତ୍ର ପୀଡ଼ିତାକୁ ମେଡ଼ିକାଲରେ ଭେଟିଛନ୍ତି । ସରକାର ଏଥିପ୍ରତି ଯତ୍ନଶୀଳ ଏବଂ ସମ୍ବେଦନଶୀଳ ଅଛନ୍ତି । ଦୋଷୀ ଯିଏ ବି ଥାଉ ତାକୁ ଘଣ୍ଟ ଘୋଡ଼ା ଯିବ ନାହିଁ । ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି । ଦୋଷୀକୁ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି ମହିଳା ଆୟୋଗ ସଦସ୍ୟା ପ୍ରତିକ୍ରିୟା ରଖିଛନ୍ତି ।

# ପହିଲି ଭୋଗ ପାଇଁ ନୀତିନିର୍ଘଣ୍ଟ

**ପୁରୀ, ୧୨।୧୨:** ଶ୍ରୀମନ୍ଦିର ଛତିଶା ନିଯୋଗ ଓ ନୀତି ସବ୍ କମିଟି ବୈଠକ ଆଜି ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଚଳିତ ବର୍ଷର ପହିଲି ଭୋଗ ନୀତି ନିର୍ଘଂଟ ବାବଦରେ ବିସ୍ତୃତ ଆଲୋଚନା ହୋଇଛି । ଆଲୋଚନା ପରେ ଉଭୟ ଛତିଶା ନିଯୋଗର ପରାମର୍ଶ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ନୀତି ସବ୍ କମିଟି ବୈଠକରେ ତାହା ଅନୁମୋଦନ ଲାଭ କରିଥିବା ନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପାଢୀ । ବୈଠକରେ ବିଶେଷ କରି ଆସନ୍ତା ୧୬ ତାରିଖରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ପହିଲି ଭୋଗର ନୀତି ନିର୍ଘଂଟ ହୋଇଛି ।

# ଚାଷୀ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

**ସମ୍ବଲପୁର, ୧୨।୧୨:** ରାଜ୍ୟରେ ଚଳିତ ଖରିଫ ଧାନ ବିକ୍ରିକୁ ନେଇ ଚାଲିଥିବା ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଚଳିତ ବର୍ଷ ଖରିଫ ଧାନ ବିକ୍ରିକୁ ନେଇ ଚାଷୀ ସଙ୍ଗଠନ ପକ୍ଷରୁ ଗତ କିଛି ଦିନ ପୂର୍ବରୁ ଆନ୍ଦୋଳନ କରାଯାଇଥିଲା । ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟରେ ଆଲୋଚନା ପରେ ଧାନ ବିକ୍ରି ଆରମ୍ଭ ହୋଇ ସୁଚାରୁ ରୂପେ ଚାଲିଥିଲା । ଆଜି ପୁଣି ଟୋକାନ ସମସ୍ୟାକୁ ନେଇ ଚାଷୀ ରାଜ ରାସ୍ତାକୁ ଓହ୍ଲାଇଛନ୍ତି ।

ଆନ୍ଦୋଳନ ସମ୍ପର୍କରେ ସୂଚନା ପାଇବା ପରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସମସ୍ତ ବିଷୟରେ ଆଲୋଚନା କରିଛନ୍ତି ଓ ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଏହା ପୂର୍ବରୁ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫସିଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ୍ କରି ଅନୁରୋଧ କରିଥିଲେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି । ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ପୂର୍ବତନ ଗୃହମନ୍ତ୍ରୀ ତଥା କଂଗ୍ରେସ ନେତା ଶିବରାଜ ପାଟିଲଙ୍କ ଦେହାନ୍ତ



**ଲାତୁର, ୧୨।୧୨:** ପୂର୍ବ କେନ୍ଦ୍ରୀୟ ଗୃହମନ୍ତ୍ରୀ ଏବଂ କଂଗ୍ରେସ ନେତା ଶିବରାଜ ପାଟିଲଙ୍କର ଆଜି ସକାଳେ ଲାତୁରରେ ତାଙ୍କ ବସଭବନରେ ବିୟୋଗ ହୋଇଛି। ୯୦ ବର୍ଷ ବୟସର ପାଟିଲ ତାଙ୍କ ଘରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ପରିବାରର ସଦସ୍ୟ ଏହି ସୂଚନା ଦେଇଛନ୍ତି। ତାଙ୍କ ଜନ୍ମ ୧୯୩୫ ମସିହା ୧୨ ଅକ୍ଟୋବରରେ ମହାରାଷ୍ଟ୍ରର ଲାତୁର ଜିଲ୍ଲାର ଚାକୁର ଗାଁରେ ହୋଇଥିଲା। ଭାରତୀୟ ରାଜନୀତିରେ ଜଣେ ପ୍ରମୁଖ ହସ୍ତୀ ଭାବେ ତାଙ୍କୁ ସଂସଦ, କେନ୍ଦ୍ର ସରକାର ଏବଂ ରାଜ୍ୟ ବିଧାନସଭାରେ ତାଙ୍କ ଦୀର୍ଘ ଏବଂ ସମ୍ମାନନୀୟ କ୍ୟାରିୟର ସହ ବହୁତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଭାଇଥିବା ପାଇଁ ସ୍ମରଣ କରାଯାଏ। ପାଟିଲ ଲୋକସଭାର ୧୦ତମ ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ ଏବଂ ସାର୍ବଜନୀନ ଜୀବନରେ ଚାରି ଦଶକରୁ ଅଧିକ ସମୟ ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି। ପାଟିଲ ୧୯୮୦ ମସିହାରେ ଜାତୀୟ ରାଜନୀତିରେ ପ୍ରବେଶ କରିଥିଲେ। ସେ ଏହି ବର୍ଷ ପ୍ରଥମଥର ପାଇଁ ସପ୍ତମ ଲୋକସଭାକୁ ଚୟନିତ ହୋଇଥିଲେ ।

# ହୁକା ବାର୍‌ରେ ଭୟାବହ ଅଗ୍ନିକାଣ୍ଡ

- ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ
- ଅବକାରୀ ବିଭାଗର ତନାଘନା
- ନିୟମ ଉଲ୍ଲଙ୍ଘନ କରିଥିଲେ ଆକ୍ସନ




**ଭୁବନେଶ୍ୱର, ୧୨।୧୨:** ସତ୍ୟବିହାର "ନୋ ଲିମିଟ୍" ସ୍କାଏ ଆଣ୍ଡ୍ ଲାଉଞ୍ଜ୍ ରେ ଅଗ୍ନିକାଣ୍ଡ ଘଟିବା ପରେ ଅନେକ ଅଭିଯୋଗ ସାମ୍ନାକୁ ଆସିଛି । ଏଠାରେ ବେଆଇନ ଭାବେ ହୁକା ବାର୍ ଚାଲିଥିଲା ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ବାରକୁ କୌଣସି ଲାଇସେନ୍ସ ଦିଆଯାଇନଥିବା ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ ରାତି ଅଧ ପର୍ଯ୍ୟନ୍ତ ଗ୍ରାହକମାନେ ଆସି ହୁକା ଟାଣନ୍ତି । ନିଶାରେ ଥିବାରୁ ବାରମ୍ବାର ଝଗଡ଼ା କରନ୍ତି । ବାରକୁ ବନ୍ଦ କରିବାକୁ ବାରମ୍ବାର ବିଏମସି ଅଧିକାରୀଙ୍କ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି । କିନ୍ତୁ କେହି ତଦନ୍ତ କରିନାହାଁନ୍ତି ।

ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ମାଝୀ ଏବଂ ଅଗ୍ନିଶମ ଅଧିକାରୀ ନାରାୟଣ ଦାସ କହିଛନ୍ତି ପ୍ରାୟ ୯ଟା ପାଖାପାଖି ନିଆଁ ଲାଗିଥିବା ଖବର ଆସିଥିଲା । ଏହା ପରେ ୯ଟା ୫ ମିନିଟ୍ ସୁଦ୍ଧା ପ୍ରଥମ ଦମକଳ ଗାଡ଼ି ପହଁଚି ଥିଲା । ବାରରେ କୌଣସି ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବା ସ୍ପଷ୍ଟ କରିଛନ୍ତି । ଏହି ଅଭିଯୋଗ ବାର୍ ମାଲିକ ଖଣ୍ଡନ କରିଛନ୍ତି । ବାର୍ ମାଲିକ ନିଜକୁ ସଫେଇ ଦେଇଛନ୍ତି । ସେ କହିଛନ୍ତି ଯେ ତଳେ ଥିବା ଏକ ହୋଟେଲ୍ ଏସିରୁ ପ୍ରଥମେ ନିଆଁ ଲାଗି ତାଙ୍କ ବାରକୁ ବ୍ୟାପିଥିଲା । ନିଆଁ ଲାଗିବାବେଳେ ବାରରେ କୌଣସି ବ୍ୟକ୍ତି ନ ଥିଲେ । ତେଣୁ କାହାର କୌଣସି କ୍ଷତି ହୋଇ ନାହିଁ । ମାତ୍ର ଦମକଳ ବାହିନୀ ଘଣ୍ଟାଏ ବିଳମ୍ବରେ ଆସିଥିଲା । ସେହିପରି ରେସ୍ତୋରାଁରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଇକୋ ରିଟ୍ରିଟ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



**ପୁରୀ/କୋଣାର୍କ, ୧୨।୧୨:** ଓଡ଼ିଶା ଇକୋ-ରିଟ୍ରିଟ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ଆମର ଲକ୍ଷ୍ୟ ହେଉଛି ଏସିଆର ଶ୍ରେଷ୍ଠ ୫ଟି Eco Cultural Tourism Hub ମଧ୍ୟରେ ସ୍ଥାନ ହାସଲ କରିବ। ପୁରୀ କୋଣାର୍କ ମେରାଇନ ଡ୍ରାଇଭରେ ଇକୋ ରିଟ୍ରିଟକୁ ଉଦଘାଟନ କରିବା ଅବସରରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ଚଳିତବର୍ଷ ପାଇଁ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ମୁଖ୍ୟରାସ୍ତା ନିକଟ ରାମଚଣ୍ଡୀ ମୁହାଁଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ୭ମ ଇକୋ-ରିଟ୍ରିଟ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍ଘାଟନ କରି କହିଛନ୍ତି। ପର୍ଯ୍ୟଟନ ପାଇଁ ରାଜ୍ୟ ସରକାର ଯେତେପ୍ରକାର ପଦକ୍ଷେପ ନେଉଛନ୍ତି, ତନ୍ମଧ୍ୟରୁ 'ଇକୋ-ରିଟ୍ରିଟ୍' ସବୁଠାରୁ ଆକର୍ଷଣୀୟ । ଆଗାମୀ ଦିନ ଗୁଡିକରେ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନ ଅଂଚଳ ମାନଙ୍କରେ ହେଉଥିବା ଇକୋ-ରିଟ୍ରିଟ୍ ସ୍ଥାନରେ ରାଜ୍ୟ ସରକାରଙ୍କର କ୍ୟାବିନେଟ ବୈଠକ ଓ ମନ୍ତ୍ରୀ ମଣ୍ଡଳ ବୈଠକ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଓଡ଼ିଶାର ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଉଥିବା ପରିବେଶଭିତ୍ତିକ ଏହି ଇକୋ-ରିଟ୍ରିଟ ସାରା ଭାରତବର୍ଷରେ ସୁନାମ ଅର୍ଜନ କରିବା ସହିତ ସଫଳତା ହାସଲ କରିପାରିଛି। ଭାରତବର୍ଷରେ ଓଡ଼ିଶା ଇକୋ-ରିଟ୍ରିଟ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

**ସାରା ଭାରତବର୍ଷରେ ସୁନାମ ଅର୍ଜନ କରିଛି ଇକୋ-ରିଟ୍ରିଟ**

# ବାଇକ-ସ୍କୁଟି ମୁହାଁମୁହିଁ ୩ ମୃତ

**ପାଟଣା, ୧୨।୧୨:** ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟା ସମୟରେ ଘଟଗାଁ ଥାନା ଅଞ୍ଚଳ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଚାନ୍ଦପଶି-ପଣ୍ଡାପଡ଼ା ରାସ୍ତାରେ ସାରୁପାଟ ନିକଟରେ ଗୋଟିଏ ବାଇକ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ପଣ୍ଡାପଡ଼ା ଥାନା ଅଞ୍ଚଳ ବଳଭଦ୍ରପୁର ଗ୍ରାମର ହିରଣ୍ୟ ନାଏକଙ୍କ ପୁଅ ରାଜା ନାଏକ (ଦିଲୁ) ଓ ଏହି ଥାନା ଅନ୍ତର୍ଗତ ଅସନବାହାଳି ଗ୍ରାମର ବୈରାଗୀ ନାଏକ ଙ୍କ ପୁଅ ରାହୁଲ ନାଏକ ବୋଲି ଜଣା ପଡ଼ିଛି।

# ଯବାନଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ନୂଆପଡ଼ା, ୧୨।୧୨:** ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଢେକୁନପାଣି ସିଆରପିଏଫ୍ ୨୧୬ ବାଟାଲିୟନ କେମ୍ପରେ କାର୍ଯ୍ୟରତ ଜଣେ ଯବାନ ନିଜ ସର୍ଭିସ୍ ବନ୍ଧୁକରେ ଗୁଳି କରି ଆଜି ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖଡିଆଳ ବ୍ଲକ ଅନ୍ତର୍ଗତ ଘରଧରା ଗ୍ରାମର ଗୋପୀନାଥ ଶବର ନାମକ ଯବାନ ସିଆରପିଏଫ କେମ୍ପରେ କାର୍ଯ୍ୟ କରୁଥିଲେ।

| | |
|---|---|
| ସେନ୍‌ସେକ୍ସ | ୮୫,୨୬୭ |
| ନିଫ୍ଟି | ୨୬,୦୪୬ |
| ସୁନା/୧୦ଗ୍ରା | ୧,୩୫,୪୮୦ |
| ରୂପା/କିଗ୍ରା | ୨,୦୪,୦୦୦ |
| ଡଲାର | ୯୦.୧୯ |

## ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୨୯.୦° |
| କଟକ: | ୨୯.୦° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୨.୬° |
| କଟକ: | ୧୨.୮° |

## ହାଲ୍‌ଚାଲ୍



ରାଜ୍ୟରେ ପ୍ରବଳ ଜୋର୍‌ରେ
ଶୀତ ଲହରି ଜାରି ରହିଛି
ଘରୁ ବାହାରି ହେଉନାହିଁ
ନିଆଁ ପାଖେ ଭିଡ଼ ଜମୁଛି
ସପ୍ତାହେ ଯାଏ ଜାରି ରହିବ
ପାଣିପାଗ ବିଭାଗ କହିଛି ।

# ୫ ମହାଶକ୍ତିକୁ ନେଇ ଟ୍ରମ୍ପ ତିଆରି କରିବେ 'କୋର୍ ଫାଇଭ୍'

**ନୂଆଦିଲ୍ଲୀ, ୧୨।୧୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱ ଶକ୍ତିର ଏକ ନୂଆ ସାମ୍ମୁଖ୍ୟ ଗଠନ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏହି ଗୋଷ୍ଠୀକୁ 'ସି୫' କିମ୍ବା 'କୋର୍ ଫାଇଭ୍' କୁହାଯାଇପାରେ, ଯାହା ବିଶ୍ୱର ପାଞ୍ଚଟି ପ୍ରମୁଖ ଶକ୍ତିକୁ ଏକାଠି କରିବ। ସି୫ ୟୁରୋପୀୟ-ପ୍ରଧାନ ଜି୭ କୁ ବାଦ୍ ଦେଇ ଆମେରିକା, ରୁଷ, ଚୀନ୍, ଭାରତ ଏବଂ ଜାପାନକୁ ଏକାଠି କରିପାରେ ବୋଲି ଜଣାପଡ଼ିଛି। ଯଦିଓ ଏହି ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଦିଆଯାଇ ନାହିଁ, ଆମେରିକାର ପ୍ରକାଶନ ପଲିଟିକୋ ରିପୋର୍ଟ କରିଛି ଯେ ଏହି ନୂତନ କଠିନ-ଶକ୍ତି ଗୋଷ୍ଠୀ ପାଇଁ ଚିନ୍ତାଧାରା ଆମେରିକାର ନୂଆ ଜାତୀୟ ସୁରକ୍ଷା ରଣନୀତିର ଏକ ଲମ୍ବା, କିନ୍ତୁ ଅପ୍ରକାଶିତ ସଂସ୍କରଣରେ କଳ୍ପନା କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହ୍ୱାଇଟ୍ ହାଉସ୍ ଗତ ସପ୍ତାହରେ ଏହାର ନୂଆ ଜାତୀୟ ସୁରକ୍ଷା ରଣନୀତି ପ୍ରକାଶ କରିଥିଲା ।

**ଆମେରିକା, ରୁଷ, ଚୀନ୍, ଭାରତ ଏବଂ ଜାପାନ ହେବେ ସାମିଲ**




ପଲିଟିକୋ ରିପୋର୍ଟ କରିଛି ଯେ ଏହା ଏହି ସି୫ ଯୋଜନାର ଅସ୍ତିତ୍ୱକୁ ନିଶ୍ଚିତ କରିପାରିବ ନାହିଁ, କିନ୍ତୁ ଡିଫେନ୍ସ ୱ୍ୱାନ୍ ଏହା ଉପରେ ରିପୋର୍ଟ କରିଛି। ବିଶ୍ୱର ପ୍ରମୁଖ ଶକ୍ତିଗୁଡ଼ିକୁ ଏକାଠି କରିବା ପାଇଁ ଏକ ନୂଆ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ ଏହି ଧାରଣା ରହିଛି ବୋଲି ଜଣାପଡ଼ିଛି। ବର୍ତ୍ତମାନ, ଜି୭ ରେ ସଦସ୍ୟତା ପାଇଁ ଦୁଇଟି ପୂର୍ବାବଶ୍ୟକତା ହେଉଛି ସମ୍ପତ୍ତି ଏବଂ ଗଣତନ୍ତ୍ର। ସି୫ ର ଏପରି କୌଣସି ଆବଶ୍ୟକତା ରହିବ ନାହିଁ।

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KALINGA INSTITUTE OF SOCIAL SCIENCES
KISS Deemed to be University
(Established U/S 3 of UGC Act 1956), Bhubaneswar, Odisha, India

WELCOME



Mr. Fabio Azevedo
President, FIVB
&
Senior Leadership & Officials of FIVB

FIVB VOLLEYBALL FESTIVAL WEEK
11th-14th December 2025

Under the KIIT–KISS Kanya Kiran Women Empowerment Initiative for Women Empowerment and Grassroots Volleyball Development

in collaboration with
International Volleyball Federation
FIVB Volleyball Foundation
Odisha Volleyball Association (OVA)

Over 200 volleyball coaches, players, and experts from across the globe, including India, will participate in the event, in addition to 500 participants from Odisha.

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | kiit.ac.in
KISS-DU, KISS Campus-3, Bhubaneswar, Odisha, India 751024 | info@kiss.ac.in | kiss.ac.in

MBA/25-26/0489

## ହ୍ୟାଲୋ ବଲିଉଡ୍



### ଶାହରୁଖଙ୍କ ଦୁବାଇ ରିୟଲ ଇଷ୍ଟେଟ୍ କମ୍ପାନିର କମର୍ସିଆଲ ପ୍ରୋଜେକ୍ଟ

ଦୁବାଇର ରିୟଲ ଇଷ୍ଟେଟ୍ କମ୍ପାନି ଡାନ୍ୟୁବ ପ୍ରପର୍ଟିଜ୍ ମଙ୍ଗଳବାର ନିଜର ନୂଆ କମର୍ସିଆଲ ପ୍ରୋଜେକ୍ଟ ଲଞ୍ଚ୍ କରିଛି । ଯାହାର ନାଁ ଶାହରୁଖ୍ ବାୟ ଡାନ୍ୟୁବ । ପ୍ରଥମ ଦିନ କମ୍ପାନି ପ୍ରୋଜେକ୍ଟର ସମସ୍ତ ୟୁନିଟ୍ ବିକ୍ରି ହୋଇଛି । ଏହି ପ୍ରୋଜେକ୍ଟରୁ ଡାନ୍ୟୁବ ପ୍ରପର୍ଟିଜ୍କୁ ୫ ହଜାର କୋଟିରୁ ଅଧିକ ଆୟର ଆଶା ରହିଛି । ସୂଚନା ଅନୁଯାୟୀ, ଡାନ୍ୟୁବ ଗ୍ରୁପ୍ର ରିୟଲ ଇଷ୍ଟେଟ୍ ୟୁନିଟ୍ ଡାନ୍ୟୁବ ପ୍ରପର୍ଟିଜ୍ ଏହି କମର୍ସିଆଲ ପ୍ରୋଜେକ୍ଟର ନାଁ ବଲିଉଡ୍ ବାଦ୍ଶାହଙ୍କ ନାଁରେ ରଖିଛି । ଶାହରୁଖ ଏହାର ଅଂଶୀଦାର ଅଛନ୍ତି । ଶାହରୁଖ୍ ବାୟ ଡାନ୍ୟୁବର ନିର୍ମାଣ କ୍ଷେତ୍ର ୧୦ ଲକ୍ଷ ବର୍ଗ ଫୁଟରୁ ଅଧିକ । ଏଥିରେ ମୋଟ୍ ୫୫ ମହଲା ରହିଛି । ଶାହରୁଖ ବାୟ ଡାନ୍ୟୁବରେ ଅଫିସଗୁଡ଼ିକର ପ୍ରାରମ୍ଭିକ ମୂଲ୍ୟ ୪.୨ କୋଟି ଟଙ୍କା । କମ୍ପାନି ନିଜ ନୂଆ ପ୍ରୋଜେକ୍ଟରେ ପ୍ରାୟ ୩,୫୦୦ କୋଟି ଟଙ୍କା ନିବେଶ କରିବ, ଯେଉଁଥିରେ ଜାଗା ମୂଲ୍ୟ ସମେତ ବାକି ଖର୍ଚ୍ଚ ରହିଛି । ଏହି ପ୍ରୋଜେକ୍ଟ ୨୦୨୯ ସୁଦ୍ଧା ଶେଷ ହେବାର ଅନୁମାନ କରାଯାଉଛି । କମ୍ପାନି ପ୍ରଥମେ ମୁମ୍ବାଇରେ ଏହି ପ୍ରୋଜେକ୍ଟ ଉପସ୍ଥାପନ କରିଥିଲା । ଡାନ୍ୟୁବ ଗ୍ରୁପ୍ର ପ୍ରତିଷ୍ଠାତା ଓ ଚେୟାରମ୍ୟାନ୍ ହେଉଛନ୍ତି ରିଜୱାନ ସାଜନ । ଦୁବାଇ ଏଗ୍ଜିବିଶନ୍ ସେଣ୍ଟର୍ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶାହରୁଖଙ୍କ ଉପସ୍ଥିତିରେ ସେ ପ୍ରୋଜେକ୍ଟ ଲଞ୍ଚ୍ କରିଥିଲେ ।

## ଖାଇକୁ ଖସିଲା ବସ୍, ୯ ଜଣ ଯାତ୍ରୀ ମୃତ

**ଆଲୁରି ସୀତାରାମ ରାଜୁ (ଆନ୍ଧ୍ର ପ୍ରଦେଶ):** ଅଲୁରି ସୀତାରାମ ରାଜୁ ଜିଲ୍ଲାରେ ଶୁକ୍ରବାର ସକାଳେ ଆନ୍ଧ୍ର ପ୍ରଦେଶର ମାରେଡୁମିଲ୍ଲୀ ଘାଟ ରୋଡରେ ଏକ ବସ୍

**ଆନ୍ଧ୍ରପ୍ରଦେଶରେ ଭୟଙ୍କର ଦୁର୍ଘଟଣା**

ଦୁର୍ଘଟଣାରେ ଏକ ବଡ଼ ଜୀବନହାନି ଆଶଙ୍କା କରାଯାଉଛି । ଘଟଣାସ୍ଥଳରେ ନଅ ଜଣଙ୍କର ମୃତ୍ୟୁ ଏବଂ ଅନ୍ୟ ଦଶଜଣ ଗୁରୁତର ଭାବରେ ଆହତ ହୋଇଥିବା ସୁନିଶ୍ଚିତ ହୋଇଛି ।ମୃତ୍ୟୁ ସଂଖ୍ୟା ବଢ଼ିପାରେ ।

କୁହାଯାଉଛି ଯେ ଦୁର୍ଘଟଣାଗ୍ରସ୍ତ ଚିତ୍ତୁର ଜିଲ୍ଲାର ବିଘ୍ନେଶ୍ୱର ଟ୍ରାଭେଲ୍ସର ବସ୍ (ଏପି ୩୯ ୟୁଏମ୍ ୬୫୪୩) ରେ ୩୭ ଜଣ ଯାତ୍ରୀ ଏବଂ ଦୁଇଜଣ ଡ୍ରାଇଭର ଥିବା ଜଣାପଡ଼ିଛି । ବସ୍ ଟି ଭଦ୍ରାଚଳମ୍ ରୁ ଅରାକୁ



ଯାତ୍ରା କରୁଥିଲା । ମାରେଡୁମିଲ୍ଲୀ ଘାଟ ରୋଡର ରାଜୁ ଗରୀ ମେଟ୍ଟୁ ମୋଡ଼ ନିକଟରେ, ବସ୍ ଟି ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡ଼ିଲା । ସୂଚନା ପାଇ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଆହତମାନଙ୍କୁ ଅଧିକ ଚିକିତ୍ସା ପାଇଁ ଭଦ୍ରାଚଳମ୍ କ୍ଷେତ୍ର ହସ୍ପିଟାଲକୁ ନିଆଯାଇଥିଲା । ପ୍ରତିବାଦୀମାନେ କହିଛନ୍ତି ଯେ ଏହି ବସ ଡିସେମ୍ବର ୬ ତାରିଖ ରାତି ୯ଟାରେ ବସ୍ ଟି ତୀର୍ଥଯାତ୍ରା ପାଇଁ ବାହାରିଥିଲା । ଚିତ୍ତୁର ସହରର ରାମମୂର୍ତ୍ତି ନାମକ ଜଣେ ଏଜେଣ୍ଟଙ୍କ ଦ୍ୱାରା ଏହି ତୀର୍ଥଯାତ୍ରା ଆୟୋଜନ କରାଯାଇଥିଲା । ଭଦ୍ରାଚଳମର ଦର୍ଶନ ସମାପ୍ତ କରିବା ପରେ ବସ ଅନ୍ନଭରମ୍ ଅଭିମୁଖେ ଯାଉଥିଲା । ଯାତ୍ରୀମାନଙ୍କୁ ଚିତ୍ତୁର ଜିଲ୍ଲାର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି ।ଏହି ଦୁର୍ଘଟଣା ଏକ ପାହାଡିଆ ଅଞ୍ଚଳରେ ଘଟିଛି ।କୁହାଯାଉଛି ଯେ ଘାଟ ରାସ୍ତାରେ ବରଫ ଜମା ହେବା ଯୋଗୁଁ ବସ୍ ଟି ଖସିପଡ଼ି ଏକ ଘାଟିରେ ଖସିପଡ଼ିଥିବା ସୂଚନା ମିଳିଛି । ଦୁର୍ଘଟଣାରେ ମୃତ ସମସ୍ତ ଲୋକଙ୍କ ବୟସ ୫୦ ବର୍ଷରୁ ଅଧିକ ବୋଲି କୁହାଯାଉଛି ।ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବସ୍ ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି ।ଅଧିକାରୀମାନେ ଆହତମାନଙ୍କୁ ଚିତ୍ତୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଅଧିକାରୀମାନେ ତାଙ୍କୁ ସୂଚନା ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ମାଲକାନଗିରି ରିପୋର୍ଟ ଦେଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମାଲକାନଗିରି ଜିଲ୍ଲା ସ୍ଥିତି ପରଖିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପଶୁ ଓ ମତ୍ସ୍ୟ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରିପୋର୍ଟ ଦେଇଛନ୍ତି । ସେପଟେ ଏମଭି ୨୬ ଗ୍ରାମରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି । ପ୍ରାଥମିକ ରିପୋର୍ଟରେ ୩ କୋଟି ୪୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା କୁହାଯାଉଛି । ଏଥିରେ ପୋଡ଼ି ଯାଇଥିବା ଘରଗୁଡ଼ିକୁ ସାମିଲ କରାଯାଇ ନାହିଁ । ଚାରୋଟି ଇଞ୍ଜିନିୟରିଂ ଟିମ୍ ଆକଳନ କରୁଛନ୍ତି । ମୋଟ ୨୪୦ ଘର ଏବଂ ଦୋକାନ ଜଳି ପୋଡ଼ି ପାଉଁଶ ହୋଇଯାଇଛି ।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୪ ଆହତ

**ବେଗୁନିଆପଡ଼ା:**ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ । ଉଭୟ ଗୋଷ୍ଠୀର ଛୁରା ମାଡ଼ରେ ୪ ଜଣ ଆହତ ହୋଇଥିବା ବେଳେ, ସେଥିମଧ୍ୟରୁ ଜଣେ ଅତି ଗୁରୁତର ହୋଇଥିବା ସୂଚନା ମିଳିଛି । ଆଜି ଅପରାହ୍ନ ୫ ଘଣ୍ଟା ସମୟରେ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଫାଶୀ ଗ୍ରାମର ମୁଖ୍ୟ ଛକରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । କିଛି ବ୍ୟକ୍ତି ଅଚାନକ ଗାଁରେ ପହଞ୍ଚି ଗୋଟିଏ ପରିବାରର ବାପା ଓ ୨ ପୁଅକୁ ଛୁରାମାଡ଼ କରି ଥିଲେ । ପରେ ଉଭୟ ପକ୍ଷରୁ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା । ଘଟଣାରେ ଫାଶୀ ଗ୍ରାମର ରାଜେଶ କୁମାର ପଲେଇ ଗୁରୁତର ହୋଇଛନ୍ତି । ତାଙ୍କ ବଡ଼ ଭାଇ ରାକେଶ କୁମାର ପଲେଇ ଓ ବାପା ଭାବଗ୍ରାହୀ ପଲେଇ ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି ।

## ଜାନୁଆରୀ ୩ ୦ରୁ ଅନ୍ନା ହଜାରେଙ୍କ ଆମରଣ ଅନଶନ

**ନୂଆଦିଲ୍ଲୀ:** ଦୁର୍ନୀତି ବିରୋଧରେ ପୁଣି ପ୍ରତିବାଦ ଆରମ୍ଭ କରିବେ ଆନ୍ନା ହଜାରେ । ଜାନୁଆରୀ ୩ ରୁ ମହାରାଷ୍ଟ୍ରରେ ଆମରଣ ଅନଶନ ଘୋଷଣା କରିଛନ୍ତି । ରାଜନୈତିକ ଦୁର୍ନୀତିର ଶତ୍ରୁ ବୋଲି ବିବେଚିତ ଆନ୍ନା ହଜାରେ ପୁଣି ଥରେ ଦୁର୍ନୀତି ବିରୋଧରେ ଅଭିଯାନ ଆରମ୍ଭ କରିଛନ୍ତି । ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ ନ ହେବା ନେଇ କ୍ରୋଧ ପ୍ରକାଶ କରିଛନ୍ତି । ହଜାରେ ମହାରାଷ୍ଟ୍ରର ଅହମଦନଗରର ରାଲେଗଣ ସିଦ୍ଧିରେ ମହାରାଷ୍ଟ୍ର ସରକାରଙ୍କ ବିରୁଦ୍ଧରେ ଏକ ବଡ଼ ଆନ୍ଦୋଳନ ଆରମ୍ଭ କରୁଛନ୍ତି । ସେ ଜାନୁଆରୀ ୩୦ ତାରିଖରୁ ଆମରଣ ଅନଶନ ଆରମ୍ଭ କରିବେ । ସେ କହିଛନ୍ତି ଯେ ସେ ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଅନେକ ଥର ଚିଠି ଲେଖିଛନ୍ତି, କିନ୍ତୁ କୌଣସି ଉତ୍ତର ପାଇନାହାଁନ୍ତି । ସେ ଏବେ ଏହି ସମସ୍ୟାର ସମାଧାନ ପାଇଁ ଅନଶନ ଆରମ୍ଭ କରିବେ ।



ଆନ୍ନା ହଜାରେ ଜାନୁଆରୀ ୩୦ ତାରିଖରୁ ରାଲେଗଣ ସିଦ୍ଧିରେ ଆମରଣ ଅନଶନ ଘୋଷଣା କରିଛନ୍ତି, ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ ନ ହେବା ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ୨୦୨୨ରେ ପ୍ରତିଶ୍ରୁତି ଦିଆଯାଇଥିବା ସତ୍ତ୍ୱେ, ଆଇନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ହଜାରେ କହିଛନ୍ତି ଯେ ସେ ଦେବେନ୍ଦ୍ର ଫଡନାଭିସଙ୍କୁ ସାତ ଥର ଚିଠି ଲେଖିଥିଲେ କିନ୍ତୁ କୌଣସି ଉତ୍ତର ପାଇ ନଥିଲେ, ତେଣୁ ସେ ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିବେ । ଉଲ୍ଲେଖଯୋଗ୍ୟ ଯେ ୨୦୨୨ରେ ଆନ୍ନା ହଜାରେ ଲୋକାୟୁକ୍ତ ଆଇନ ଦାବି କରି ରାଲେଗାନ ସିଦ୍ଧିରେ ଅନଶନ ଆରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ କେନ୍ଦ୍ର କୃଷି ମନ୍ତ୍ରୀ ବ୍ୟକ୍ତିଗତ ଭାବରେ ପ୍ରତିଶ୍ରୁତି ଦେଇ ତାଙ୍କର ଅନଶନ ଶେଷ କରିଥିଲେ । ମୁଖ୍ୟମନ୍ତ୍ରୀ ଫଡନାଭିସ୍ ଏକ କମିଟି ମଧ୍ୟ ଗଠନ କରିଥିଲେ ଏବଂ ଆଇନ ପ୍ରସ୍ତୁତ କରିଥିଲେ । କିନ୍ତୁ, ସେବେଠାରୁ ଆଇନ ଉପରେ କୌଣସି ଅପଡେଟ୍ ହୋଇନାହିଁ ।

## ସପ୍ତାହକରେ ୪ଥର ଥରିଲାଣି ଜାପାନ

**ଟୋକିଓ:** ଜାପାନରେ ଆଜି ସକାଳେ ପୁଣି ଥରେ ଏକ ବଡ଼ ଭୂମିକମ୍ପ ଅନୁଭୂତ ହୋଇଛି । ୬.୭ ତୀବ୍ରତାର ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଏହା ଉପକୂଳ ଅଞ୍ଚଳରୁ ଦୂର ସହର ପର୍ଯ୍ୟନ୍ତ ଭୂମିକୁ ଥରାଇ ଦେଇଥିଲା । ଭାରତୀୟ ସମୟ ସକାଳ

**ସୁନାମି ଚେତାବନୀ !**

୮.୧୪ ରେ ଏହି ଭୂମିକମ୍ପ ହୋଇଥିଲା । ଏହାର ଗଭୀରତା ୧୦.୭ କିଲୋମିଟର ଥିଲା, ଯାହା ଏହାକୁ ବିପଦପୂର୍ଣ୍ଣ କରିଦେଇଥିଲା । ଭୂମିକମ୍ପ ଉପକୂଳ ନିକଟରେ ହୋଇଥିଲା ଏବଂ ଭୂମିକମ୍ପର ତୀବ୍ରତା ଏତେ ଥିଲା ଯେ ଅନେକ ସ୍ଥାନରେ ଲୋକମାନେ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ । ଦୋକାନ ଏବଂ କାର୍ଯ୍ୟାଳୟରେ ଆଲାର୍ମ ବାଜିଥିଲା ।

ଜାପାନୀ ଗଣମାଧ୍ୟମ ଅନୁସାରେ, ଭୂମିକମ୍ପ ପରେ ଜାପାନ ପାଣିପାଗ ସଂସ୍ଥା ୧ ମିଟର ଉଚ୍ଚତା ପର୍ଯ୍ୟନ୍ତ ଲହରୀ ପାଇଁ ସତର୍କତା ଜାରି କରିଛି । ମଧ୍ୟାହ୍ନ ପର୍ଯ୍ୟନ୍ତ ଅନେକ ଉପକୂଳବର୍ତ୍ତୀ ଅଞ୍ଚଳ ନିରନ୍ତର ସତର୍କତା ଜାରି ରହିଥିଲା । ରିପୋର୍ଟ



ଅନୁସାରେ, ହୋକାଇଡୋର କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରୀୟ ଉପକୂଳ, ଆଓମୋରି ପ୍ରଦେଶ, ଇୱାଟେ ପ୍ରଦେଶ ଏବଂ ମିଆଗି ପ୍ରଦେଶ ପାଇଁ ସୁନାମି ଚେତାବନୀ ଜାରି କରାଯାଇଛି, ଏବଂ ୧ ମିଟର ଉଚ୍ଚତା ପର୍ଯ୍ୟନ୍ତ ଲହରୀ ପହଞ୍ଚିବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି ।

ଜାପାନ ଏହି ସପ୍ତାହରେ ଏକାଧିକ ଭୂମିକମ୍ପର ସମ୍ମୁଖୀନ ହେଉଛି । ସୋମବାର ଦିନ, ଏକ ବଡ଼ ୭.୬ ତୀବ୍ରତାର ଭୂମିକମ୍ପ ହୋଇଥିଲା, ଯାହା ଫଳରେ ୫୦ ରୁ ଅଧିକ ଲୋକ ଆହତ ହୋଇଥିଲେ, ରାସ୍ତା ଫାଟି ଯାଇଥିଲା, କୋଠାଘର ଥରି ଉଠିଥିଲା ଏବଂ ଛୋଟ ସୁନାମି ଲହରୀ ମଧ୍ୟ ସୃଷ୍ଟି ହୋଇଥିଲା । ମଙ୍ଗଳବାର ଦିନ, ହୋଞ୍ଶୋ ସିଟିରେ ୬.୭ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା ।

## ୟୁଟ୍ୟୁବ୍ ଦେଖି ଅପରେସନ୍ କଲେ ନକଲି ଡାକ୍ତର, ରୋଗୀ ମୃତ

**ମୁମ୍ବାଇ:** ୟୁପିର ବାରାବଙ୍କୀରେ ଏକ ଆଶ୍ଚର୍ଯ୍ୟଚକିତ ଘଟଣା ସାମ୍ନାକୁ ଆସିଛି । ଏଠାରେ ୟୁଟ୍ୟୁବ୍ ଦେଖି ଅପରେସନ୍ କରିଥିବା ନକଲି ଡାକ୍ତରଙ୍କ ଯୋଗୁ ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି । ମାମଲା କୋଠୀ ଥାନା ଅଞ୍ଚଳର । ପୀଡ଼ିତ ଫତେ ବାହାଦୁର କହିଛନ୍ତି, ଚଳିତ ମାସ ୫ ତାରିଖ ଦ୍ୱିପ୍ରହରରେ ତାଙ୍କ ପତ୍ନୀ ମୁନିଶରା ରାଓ୍ୱତଙ୍କ ପେଟରେ ଯନ୍ତ୍ରଣା ହେଲା । ସେ ତାଙ୍କୁ କୋଠୀ ବଜାର ସ୍ଥିତ ଶ୍ରୀ ଦାମୋଦର ଔଷଧାଳୟ ହସ୍ପିଟାଲକୁ ନେଲେ । ଜ୍ଞାନ ପ୍ରକାଶ ମିଶ୍ରା ଓ ବିବେକ ମିଶ୍ରା ଏହାର ପରିଚାଳନା କରୁଛନ୍ତି । ଯାଞ୍ଚରୁ ଜ୍ଞାନ ପ୍ରକାଶ ମହିଳାଙ୍କର ଷ୍ଟୋନ୍ ହୋଇଥିବା କହି ଅପରେସନ୍ ଖର୍ଚ୍ଚ ୨୫ ହଜାର କହିଲେ ଏବଂ ୨୦ ହଜାରରେ ମାମଲା ଛିଣ୍ଡିଲା ।

ଫତେ ବାହାଦୁରଙ୍କ ଅଭିଯୋଗ ଅନୁସାରେ, ଟଙ୍କା ପୈଠ ହେବା ପରେ ଜ୍ଞାନ ପ୍ରକାଶ ମଦ ନିଶାରେ ୟୁଟ୍ୟୁବ୍ ଭିଡିଓ ଦେଖି ପତ୍ନୀଙ୍କ ଅପରେସନ୍ ଆରମ୍ଭ କଲେ ।



ଅତ୍ୟନ୍ତ ଅବହେଳାରେ ତାଙ୍କ ପେଟକୁ କାଟିଦେଲେ । ତାଙ୍କ ଛୋଟ ଅନ୍ତଃନଳୀ ଓ ଅନେକ ସ୍ନାୟୁ ମଧ୍ୟ କାଟିଦେଲେ । ଅପରେସନ୍ ପରେ ମହିଳା ରାତିସାରା ଯନ୍ତ୍ରଣାରେ ଛଟପଟ ହେଲେ । ପର ଦିନ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହେଲା । ଏହା ପରେ ହସ୍ପିଟାଲ ସଂଚାଳକ ଜ୍ଞାନ ପ୍ରକାଶ ମିଶ୍ରା ଓ ତାଙ୍କ ପରିବାର ଫେରାର ହୋଇଗଲେ । ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ୍ କଲା । ଶବର ପୋଷ୍ଟମର୍ଟମ୍ ମଧ୍ୟ କରାଗଲା । ଫତେ ବାହାଦୁରଙ୍କ ଅଭିଯୋଗ ଯେ ହସ୍ପିଟାଲ ସମ୍ପୂର୍ଣ୍ଣ ନକଲି ଏବଂ ଅଭିଯୁକ୍ତଙ୍କ ପାଖରେ କୌଣସି ପ୍ରକାର ମେଡିକାଲ ଡିଗ୍ରୀ ନାହିଁ । ଅଭିଯୁକ୍ତଙ୍କୁ ଧରିବା ଲାଗି ପୁଲିସ ଏକ ଟିମ୍ ଗଠନ କରିଛି ।

## ଜିଲ୍ଲାସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ

**ପୁରୀ:** ପୁରୀ 'ଜିଲ୍ଲା ସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ ' ପୁରୀ ସଦର ବ୍ଲକ୍ ର ରାମହରି ନୋଡାଲ ବିଦ୍ୟାପୀଠ, ଶାସନ ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲାର ପ୍ରତି ବ୍ଲକ୍ ରୁ ୫ଟି ଲେଖାଏଁ ବଛା ବଛା ପ୍ରକଳ୍ପକୁ ନେଇ ମୋଟ୍ ୫୫ ଗୋଟି ପ୍ରକଳ୍ପ ଅଂଶଗ୍ରହଣ କରିଥିଲେ । ଏହାର ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୁରୀ ଯୋଗଦାନ କରିଥିଲେ ଓ ପିଲାମାନେ ଛାତ୍ରାବସ୍ଥାରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କଲେ ଭବିଷ୍ୟତରେ ସେମାନଙ୍କ ମନରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବା ସହ ସେମାନେ ନିଜ ନିଜ ପ୍ରତିଭା ବଳରେ ନୂଆ ନୂଆ ପ୍ରକଳ୍ପ ସୃଷ୍ଟି କରି ଦେଶ ଓ ଜାତିକୁ ଗୌରବାନ୍ୱିତ କରିପାରିବେ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦାନ କରି ନିଜର ଓଜସ୍ୱୀ ବକ୍ତବ୍ୟ ଦ୍ୱାରା କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସେଂଟର୍ ଫର୍ ଏନଭର୍ଣମେଂଟ ଷ୍ଟଡି ର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ, ଉଦ୍ୟୋଗପତି ଦିବ୍ୟ ପ୍ରକାଶ ପଟ୍ଟନାୟକ, ଅଭିରାମ ନୋଡାଲ ବିଦ୍ୟାପୀଠ, କରମଳାର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମହାପାତ୍ର, ଇକୋ କ୍ଲବ୍ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ଟୈ ।ଧୁରୀ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ । ଏହାର ଉଦ୍ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର ଉପସ୍ଥିତ ରହି ପିଲାମାନଙ୍କ ପ୍ରକଳ୍ପ ଗୁଡ଼ିକୁ ପ୍ରଶଂସା କରିଥିଲେ ଓ ଉତ୍ସାହମୂଳକ ଭାଷଣ ଦ୍ୱାରା ସେମାନଙ୍କୁ ଆହୁରି ଆଗକୁ ଯିବାପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ଆଲୁମିନି କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ଓ ପରିଚାଳନା କମିଟି ଅଧ୍ୟକ୍ଷ ବଂଶୀଧର ଜେନା ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ (ରାଷ୍ଟ୍ରୀୟ ଆବିଷ୍କାର ଯୋଜନା ମାଧ୍ୟମରେ)ଏକ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କୁଇଜ୍ ଓ ପ୍ରଦର୍ଶନୀକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ ।

## ଦେଶର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୬୫% ସମ୍ପତ୍ତି

- **ଭାରତରେ ଆୟ ଓ ସମ୍ପତ୍ତି ଅସମାନତା ରେକର୍ଡ ସ୍ତରରେ**
- **୧୦୦ ପୁରୁଷଙ୍କ ତୁଳନାରେ ମାତ୍ର ୧୫.୭% ମହିଳାଙ୍କ ପାଖରେ ରୋଜଗାର**

**ନୂଆଦିଲ୍ଲୀ:** ଧନୀ ସମ୍ପତ୍ତି ଯୋଡ଼ିଚାଲିଛି ଆଉ ଗରିବ ତଳକୁ ତଳକୁ ଯାଉଛି । ଭାରତରେ ଆୟ ଏବଂ ସମ୍ପତ୍ତି ଅସମାନତା ପହଞ୍ଚିଯାଇଛି ରେକର୍ଡ ସ୍ତରରେ । ଆୟ ଅସମାନତାର ଏକ ଦାରୁଣ ଚିତ୍ର ଦେଖିବାକୁ ମିଳିଛି ୱାର୍ଲଡ ଇନ୍ଇକ୍ୱାଲିଟି ରିପୋର୍ଟ-୨୦୨୬ରେ । ରିପୋର୍ଟ ମୁତାବକ, ଭାରତର ଜାତୀୟ ଆୟର ୫୮% ଶ୍ରେଷ୍ଠ ୧୦% ଧନୀ ଲୋକଙ୍କ ପାଖକୁ ଚାଲିଯାଉଛି । ଅନ୍ୟପକ୍ଷରେ, ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ମାତ୍ର ୧୫% ହିଁ ମିଳୁଛି । ସମ୍ପତ୍ତି ମାମଲାରେ ବି ସମାନ ସ୍ଥିତି । ଦେଶର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୬୫% ସମ୍ପତ୍ତି ଅଛି ଏବଂ ଟପ୍ ୧%ଙ୍କ ପାଖରେ ପାଖାପାଖି ୪୦% ।

ବୁଧବାର ଜାରି ହୋଇଥିବା ଏ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ବ୍ୟକ୍ତି ପିଛା ହାରାହାରି ବାର୍ଷିକ ଆୟ(ପିପିପି) ୬.୫୬ ଲକ୍ଷ ଟଙ୍କା । ଏଥିରେ ଶ୍ରେଷ୍ଠ ୧୦%ଙ୍କୁ ୫୮% ଆୟ ଭାଗ ମିଳୁଛି । ୨୦୨୧ରେ ଏହା ଥିଲା ୫୭% । ଅନ୍ୟପକ୍ଷରେ, ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ଜାତୀୟ ଆୟର ମାତ୍ର ୧୫% ମିଳୁଛି, ଯାହାକି ପୂର୍ବରୁ ୧୩% ଥିଲା । ରିପୋର୍ଟ ଅନୁସାରେ, ସମ୍ପତ୍ତି କ୍ଷେତ୍ରରେ ଅସମାନତା ଚିନ୍ତାର ବିଷୟ । ଭାରତରେ ଶ୍ରେଷ୍ଠ ୧୦% ଲୋକଙ୍କ ପାଖରେ ମୋଟ ସମ୍ପତ୍ତିର ୬୫% ଭାଗ ରହିଛି । ସେହିଭଳି ବ୍ୟକ୍ତି ପିଛା ହାରାହାରି ସମ୍ପତ୍ତି ୨୯.୬୨ ଲକ୍ଷ ଟଙ୍କା । ନିମ୍ନ ସ୍ତରରେ ଥିବା ୫୦% ଜନସଂଖ୍ୟାଙ୍କ ନିକଟରେ ପ୍ରତି ବ୍ୟକ୍ତି ପିଛା ମାତ୍ର ୬.୮୮ ଲକ୍ଷ ଟଙ୍କାର ହାରାହାରି ସମ୍ପତ୍ତି ରହିଛି । ସେହିଭଳି ଶ୍ରେଷ୍ଠ ୧୦% ଧନୀ ବ୍ୟକ୍ତିମାନେ ପ୍ରତ୍ୟେକ ହାରାହାରି ୧୦.୫୮ କୋଟି ଟଙ୍କା ସମ୍ପତ୍ତିର ମାଲିକ । ଶ୍ରେଷ୍ଠ ୦.୦୦୧% ବା ପାଖାପାଖି ୫୬,୦୦୦ ଲୋକଙ୍କ ପାଖରେ ପ୍ରତି ବ୍ୟକ୍ତି ୧୦ କୋଟି ୟୁରୋ ବା ପାଖାପାଖି ୧୦୫୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



ପ୍ରକାଶଯୋଗ୍ୟ, ଏହି ରିପୋର୍ଟକୁ ୨୦୦ରୁ ଅଧିକ ବ୍ୟକ୍ତି ପ୍ରସ୍ତୁତ କରିଥାନ୍ତି । ରିପୋର୍ଟ ପାଇଁ ୧୮୦ ଦେଶରୁ ତଥ୍ୟ ଏକତ୍ର କରାଯାଇଥାଏ । ଭାରତରେ ୧୦୦ ପୁରୁଷଙ୍କ ତୁଳନାରେ କେବଳ ୧୫.୭% ମହିଳାଙ୍କ ପାଖରେ ରୋଜଗାର ରହିଛି । ଗତ ଦଶନ୍ଧି ମଧ୍ୟରେ ଏଥିରେ କୌଣସି ସୁଧାର ଦେଖିବାକୁ ମିଳିନାହିଁ । ସମଗ୍ର ବିଶ୍ୱ କଥା ଯଦି ବିଚାରକୁ ନିଆଯାଏ ତେବେ ବିଶ୍ୱର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୭୫% ସମ୍ପତ୍ତି ରହିଛି ।

ବିଶ୍ୱର ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୨% ସମ୍ପତ୍ତି ରହିଛି । ବିଶ୍ୱର ମୋଟ ଆୟରେ ଏହି ୧୦% ଲୋକଙ୍କ ଅଂଶ ୫୩% ଥିବାବେଳେ ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ମିଳୁଛି କେବଳ ୮% ଆୟ । ଅସମାନତାରେ ଦକ୍ଷିଣ ଆଫ୍ରିକା ପରେ ଭାରତ ରହିଛି । ଦକ୍ଷିଣ ଆଫ୍ରିକାର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୮୫% ସମ୍ପତ୍ତି ଥିବାବେଳେ ଜାତୀୟ ଆୟରେ ଏମାନଙ୍କ ଅଂଶ ରହିଛି ୬୬% । ଲାଟିନ୍ ଆମେରିକୀୟ ଦେଶ ଯେପରି ବ୍ରାଜିଲରେ ଶ୍ରେଷ୍ଠ ୧୦% ଧନୀଙ୍କୁ ମିଳୁଛି ୬୦% ଜାତୀୟ ଆୟ । ୟୁରୋପରେ ସ୍ୱିଡେନ୍ ଏବଂ ନର୍ୱେ ଭଳି ଦେଶ ଭଲ ସ୍ଥାନରେ ଥିବା ଜଣାପଡ଼ିଛି ।

## ରାଶିଫଳ

**ମେଷ :** ଦ୍ୱାଦଶଚନ୍ଦ୍ର ଯୋଗୁ ଅଯଥା ଖର୍ଚ୍ଚ, ବଦ୍ଖର୍ଚ୍ଚ ଓ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ ଏବଂ ଖର୍ଚ୍ଚଭାରରେ ଅତିଷ୍ଠ ହୋଇ ଋଣ କରିବାକୁ ପଡ଼ିପାରେ ।ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ।

**ବୃଷ:** ଏକାଦଶ ଚନ୍ଦ୍ର ଏବଂ ଶନିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ । ସମସ୍ତ ଆଶା, ଆକାଂକ୍ଷା, ଅଭିଳାଷ ପୂର୍ଣ୍ଣ ହେବ ।

**ମିଥୁନ:** ଦଶମଚନ୍ଦ୍ର, ଦଶମୀତିଥି ଏବଂ ଶନି, ବୁଧ ଉଭୟଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତିର ଖବର ମିଳିବ । ମନରେ ସତ୍ଚିନ୍ତା, ସତ୍ଭାବନା ପ୍ରକାଶ ପାଇବ ଏବଂ ସତ୍କର୍ମରେ ଅଧିକ ଆଗ୍ରହ ରହିବ ।

**କର୍କଟ:** ନବମ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ଉଚ୍ଚ ସମ୍ମାନ, ଉଚ୍ଚ ପଦବୀ ମିଳିବ ଏବଂ କୌଣସି ସଭା କିମ୍ବା ସଙ୍ଗଠନର ନେତୃତ୍ୱ ନେବେ । ମହତ୍ବ୍ୟକ୍ତିଙ୍କ ଆଶ୍ରୟ, ମନରେ ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ।

**ସିଂହ:** ଅଷ୍ଟମ ଚନ୍ଦ୍ର ଏବଂ ଶନିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ବାଦ ବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନ ଅସ୍ଥିର, ବିଷାଦ ଗ୍ରସ୍ତ ରହିବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ।

**କନ୍ୟା :** ସପ୍ତମଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିବାରରେ ସ୍ୱର୍ଗୀୟ ସୁଖ ଅନୁଭୂତ ହେବ । ଆମୋଦ ପ୍ରମୋଦ ଓ ମଉଜ ମଜଲିସ୍ରେ ଅଧିକ ଆଗ୍ରହ ରହିବ ଏବଂ ପରିଚିତ ମହିଳାଙ୍କ ଠାରୁ ସାହାଯ୍ୟ, ସହଯୋଗ ଓ ଧନ ମିଳିବ ।

**ତୁଳା :** ଷଷ୍ଠଚନ୍ଦ୍ର ଏବଂ ଶନି, ବୁଧ ଉଭୟଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ବଚନରେ ମଧୁରତା, ଚାଲିଚଳନରେ ସଂଯମତା ଏବଂ ସମସ୍ତ କର୍ମରେ ତତ୍ପରତା ଓ ସମୟାନୁବର୍ତ୍ତିତା ପ୍ରକାଶ ପାଇବ ।

**ବିଛା :** ପଞ୍ଚମ ଚନ୍ଦ୍ର, ଘାତବାର ଏବଂ ଅପରାହ୍ଣ ୧ଟା ୩୦ ମିନିଟ୍ ପରେ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ମଧ୍ୟମ ଧରଣର ଫଳ ମିଳିଲେ ମଧ୍ୟ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ । ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ ଏବଂ ସମସ୍ତଙ୍କର ପ୍ରଶଂସାର ପାତ୍ର ହେବେ । ସନ୍ତାନ ମାନଙ୍କ କର୍ମକୁ ନେଇ ଗର୍ବ ଅନୁଭବ କରିବେ ।

**ଧନୁ :** ଘାତଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ସ୍ୱଜନରେ କଥାବାର୍ତ୍ତା ବେଳେ ସତର୍କ ହେବେ । ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ି ପାରନ୍ତି ।

**ମକର :** ଘାତବାର ଏବଂ ତୃତୀୟ ଚନ୍ଦ୍ର ଓ ଶନି, ବୁଧ ଉଭୟଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି, ସ୍ୱଜନରେ ସୁସମ୍ପର୍କ ଏବଂ ଭାଇଭଉଣୀଙ୍କ ସହଯୋଗ ପ୍ରାପ୍ତ ହେବ ।

**କୁମ୍ଭ :** ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନ ଓ ଆୟ ପ୍ରତି ମନରେ ଦୁର୍ବଳତା ପ୍ରକାଶ ପାଇବ ଏବଂ ଧନ ଓ ଆୟ ଯେତେ ଅଧିକ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ । ଖର୍ଚ୍ଚ ପ୍ରତି ଅନାଗ୍ରହ ଓ ସଞ୍ଚୟ ପ୍ରତିମନରେ ଆଗ୍ରହ ପ୍ରକାଶ ପାଇବ ଏବଂ ଆୟର ନୂତନ ମାର୍ଗ ଖୋଲିବ ।

**ମୀନ:** ଶ୍ରୀଚନ୍ଦ୍ର ଯୋଗୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ମନରେ ପ୍ରସନ୍ନତା, ପରିବାରରେ ସୁଖ ଶାନ୍ତି ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ମାର୍ଜିତ ଓ ସର୍ବଜନ ଆଦୃତ ହେବ । ବାଣିଜ୍ୟ, ବ୍ୟବସାୟ ଓ ପରବହନରେ ଆୟ ଯାହାହେଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଏବଂ ଆତ୍ମତୃପ୍ତି ରହିବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ ।

# ମାତୃଭାଷା

କଟକ, ଶନିବାର, ଡିସେମ୍ବର – ୧୩, ୨୦୨୫ ପୃଷ୍ଠା: ୪


## ପୃଥିବୀ ବାହାରକୁ ଖୁବ୍ ଶାନ୍ତ : ଭିତରେ ଖୁବ୍ ଅଶାନ୍ତ – ଆଗକୁ କ'ଣ ଘଟିବ ?

ବୈଜ୍ଞାନିକମାନେ ଜାଣିପାରିଛନ୍ତି ଯେ ପୃଥିବୀର ପ୍ରଶାନ୍ତ ମହାସାଗର ଅଞ୍ଚଳ ଅନ୍ୟ ମହାସାଗରଗୁଡିକ ତୁଳନାରେ ଦ୍ରୁତ ଗତିରେ ଥଣ୍ଡା ହେଉଛି । ଏହା ପତଳା ସାମୁଦ୍ରିକ ଭୂତ୍ୱକ୍ ଯୋଗୁଁ ହୋଇଛି, ଯାହା ତାପକୁ ବାହାରକୁ ଛାଡିବାକୁ ଅନୁମତି ଦିଏ । ମହାଦେଶୀୟ ଭୂତ୍ୱକ୍ ଏହାର ଘନତା ଯୋଗୁଁ ଧୀରେ ଧୀରେ ଥଣ୍ଡା ହୁଏ ।

ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ପୃଥିବୀର ଆଭ୍ୟନ୍ତରୀଣ ଅଂଶ ତାପ ହରାଉଛି ।

ପୃଥିବୀ ବାହାରୁ ଶାନ୍ତ ଦେଖାଯାଇପାରେ, କିନ୍ତୁ ଏହା ନିରନ୍ତର ଅଶାନ୍ତିରେ ରହିଛି । ବର୍ତ୍ତମାନ, ନୂତନ ଗବେଷଣା ଦର୍ଶାଉଛି ଯେ ଆମ ଗ୍ରହ ଉଭୟ ପାର୍ଶ୍ୱରେ ସମାନ ହାରରେ ଥଣ୍ଡା ହେଉନାହିଁ । ବିଶେଷକରି, ପ୍ରଶାନ୍ତ ମହାସାଗର ତଳେ ଥିବା ଅଞ୍ଚଳ ପୃଥିବୀର ଅନ୍ୟ ଅଂଶ ଅପେକ୍ଷା ଦ୍ରୁତ ଗତିରେ ତାପମାତ୍ରା ହରାଉଛି ।

ଯେତେବେଳେ ବୈଜ୍ଞାନିକମାନେ ପୃଥିବୀ ଭିତରୁ ନିର୍ଗତ ତାପର ଦୀର୍ଘକାଳୀନ ଇତିହାସ ପରୀକ୍ଷା କଲେ, ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଲା: ମହାସାଗର ତଳେ ଥିବା ପତଳା ସ୍ତରକୁ ମହାସାଗରୀୟ ଭୂତ୍ୱକ୍ କୁହାଯାଏ । ଏହି ସ୍ତର ନିରନ୍ତର ଗଠନ ହେଉଛି, ପତଳା ହେଉଛି ଏବଂ ଥଣ୍ଡା ପାଣି ଦ୍ୱାରା ଘେରି ରହିଛି । ଏହି ତିନୋଟି କାରଣ ଏହି ଅଞ୍ଚଳକୁ ଅଧିକ ସହଜରେ ବିକିରଣ କରିଥାଏ ।

ଅନ୍ୟପକ୍ଷରେ, ଭୂମି-ଆଚ୍ଛାଦିତ ମହାଦେଶୀୟ ଭୂତ୍ୱକ୍ ବହୁତ ଘନ ଏବଂ ପୁରୁଣା । ଘନ ଭୁତ୍ୱକ୍‌ରୁ ବାହାରକୁ ଯିବା ପାଇଁ ଉତ୍ତାପ ଅଧିକ ସମୟ ନେଇଥାଏ । ଏହି କାରଣରୁ ପୃଥିବୀର ଉଭୟ ଭାଗରେ ତାପ ନିର୍ଗତିର ହାର ଭିନ୍ନ ହୋଇଛି, ଏବଂ ଲକ୍ଷ ଲକ୍ଷ ବର୍ଷ ଧରି ଏହି ପାର୍ଥକ୍ୟ ସ୍ପଷ୍ଟ ହୋଇଛି । ଏହା ପ୍ଲେଟ୍ ଗତି, ଆଗ୍ନେୟଗିରି ଏବଂ ଗଭୀର ସ୍ତରର କାର୍ଯ୍ୟକଳାପରେ ପରିବର୍ତ୍ତନ ଆଣିଥାଏ ।

ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ପୃଥିବୀର ଗୋଟିଏ ଅଂଶର ଦ୍ରୁତ ଶୀତଳତା ପ୍ଲେଟ୍ ଗତିକୁ ପ୍ରଭାବିତ କରେ । ତାପମାତ୍ରା ପରିବର୍ତ୍ତନ ପୃଥିବୀ ମଧ୍ୟରେ ଥିବା ଗରମ ପଥୁରିଆ ସ୍ତର, ଆବରଣର ପ୍ରବାହର ଦିଗକୁ ପରିବର୍ତ୍ତନ କରେ । ଏହି ପ୍ରବାହ ନିର୍ଣ୍ଣୟ କରେ ଯେ ନୂତନ ଭୂଜଗତ କେଉଁଠାରେ ସୃଷ୍ଟି ହେବ, ପୁରୁଣା ଭୂଜଗତ ପୃଥିବୀରେ କେଉଁଠାରେ ଭୂପତିତ ହେବ ଏବଂ କେଉଁଠାରେ ଟେକ୍ଟୋନିକ୍ ହଲଚଲ କାର୍ଯ୍ୟକଳାପ ସର୍ବାଧିକ ହେବ । ଆଗ୍ନେୟଗିରି ଏବଂ ଭୂମିକମ୍ପର ବାରମ୍ବାର ଘଟୁଥିବାରୁ ପ୍ରଶାନ୍ତ ମହାସାଗରକୁ ରିଙ୍ଗ୍ ଅଫ୍ ଫାୟାର୍ ତଥା ଅଗ୍ନି ବଳୟ ଭାବରେ ଜଣାଯାଏ । ଗବେଷକମାନେ ବର୍ତ୍ତମାନ ବିଶ୍ୱାସ କରନ୍ତି ଯେ ଏହି ଅଞ୍ଚଳରେ ଏହି କାର୍ଯ୍ୟକଳାପ ପୃଥିବୀର ଏହି ଅସମାନ ଶୀତଳତା ସହିତ ଜଡିତ ହୋଇପାରେ । ବୈଜ୍ଞାନିକମାନେ ଏହି ଆବିଷ୍କାରକୁ ପୃଥିବୀର ଅତୀତ ଇତିହାସକୁ ବୁଝିବାର ଏକ ଚାବିକାଠି ବୋଲି ବିବେଚନା କରନ୍ତି ।

ଏହା କେବଳ ଏକ ବର୍ତ୍ତମାନର ଗତି ନୁହେଁ । ବୈଜ୍ଞାନିକମାନେ କୁହନ୍ତି ଯେ ପୃଥିବୀ କିପରି ଲକ୍ଷ ଲକ୍ଷ ବର୍ଷ ଧରି ଗଠିତ, ପରିବର୍ତ୍ତନ ହୋଇଛି ଏବଂ ଆଗକୁ ଆହୁରି ପରିବର୍ତ୍ତିତ ହେବ ତାହାର ଚାବିକାଠି ଏହି ଉତ୍ତାପର ପ୍ରବାହରେ ରହିଛି । ସୂର୍ଯ୍ୟ, ମହାସାଗର ଏବଂ ପବନ ଦ୍ୱାରା ପୃଷ୍ଠ ପାଗ ସୃଷ୍ଟି ହୋଇଥିବା ବେଳେ, ଗଭୀରରେ କ'ଣ ଘଟେ ତାହା ପୃଥିବୀର ପ୍ରକୃତ ଗଠନ ନିର୍ଣ୍ଣୟ କରେ । ତାପ କେଉଁଠାରୁ ଉତ୍ପନ୍ନ ହୁଏ, କେଉଁଠାରେ ରହେ, ଏବଂ ଏହା କିପରି ଗତି କରେ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଲେ ପୃଥିବୀର ସମଗ୍ର ଇତିହାସ ବୁଝିବା ସହଜ ହୁଏ ।

ସରଳ ଉତ୍ତର ହେଉଛି ନା । ପୃଥିବୀ ଭିତରେ ଶୀତଳୀକରଣ ଏକ ଅତ୍ୟନ୍ତ ଧୀର ପ୍ରକ୍ରିୟା । ଏତେ ଧୀର ଯେ ମାନବ ଇତିହାସ ଏହା ତୁଳନାରେ କିଛି ନୁହେଁ । ଏହି ଗବେଷଣା କେବଳ ପୃଥିବୀ ଭିତରୁ କିପରି କାର୍ଯ୍ୟ କରେ ତାହା ଦର୍ଶାଏ, ଆମେ ହଠାତ୍ ଏକ ଶୀତଳ ଅବଧିରେ ପ୍ରବେଶ କରିବାକୁ ଯାଉଛୁ ବୋଲି ନୁହେଁ । ବୈଜ୍ଞାନିକମାନେ କହିଛନ୍ତି ଯେ ପୃଷ୍ଠ ପାଗର ପୃଥିବୀର ଆଭ୍ୟନ୍ତରୀଣ ଶୀତଳତା ସହିତ କୌଣସି ସିଧାସଳଖ ସମ୍ପର୍କ ନାହିଁ । ଆମର ତାପମାତ୍ରା ସୂର୍ଯ୍ୟ, ମେଘ, ମହାସାଗର ଏବଂ ପବନ ଦ୍ୱାରା ନିର୍ଣ୍ଣୟ କରାଯାଏ ।

# ନାହିଁ ନାହିଁ ନାହିଁ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ନାହିଁ, ନାହିଁ ଏମିତି ସ୍ଥାନ ବ୍ରହ୍ମାଣ୍ଡରେ କେବଳ ବୈକୁଣ୍ଠରେ ଅଛି, କୁଣ୍ଠା ମନେ ନାହିଁ । କୁହାଯାଏ ନେଭର ନାହିଁ ଶବ୍ଦକୁ ଅଭିଧାନରୁ ସମ୍ରାଟ ନେପୋଲିଆନ ଉଠାଇ ଦେଇଥିଲେ ଯେଉଁ ସୂତ୍ରରେ ସେ ବ୍ରିଟିଶ ସେନାପତି ନେଲସନ ଦ୍ୱାରା ପରାଜିତ ହୋଇଥିଲେ । ପ୍ରମାଣିତ କ'ଣ ହେଲା ତାହା ପାଠକେ ଭାବିବେ । ବେରିବେରୀ ବୋଲି ଏକ ରୋଗ ଅଛି ଏହାର ଅର୍ଥ କୌଣସି ଏକ ଭାଷାରେ ନାହିଁ ନାହିଁ । ଏହି ରୋଗ ହେଲେ ରୋଗୀ ମାନସିକ ସ୍ତରରେ ଏତେ ଦୁର୍ବଳ ହୁଏ ଯେ, ସବୁବେଳେ ସବୁ କାମକୁ ଅପାରଗ ମନେ କରି ନାହିଁ ନାହିଁ କରିଥାନ୍ତି । ମୋର ପିଲାକାଳରେ ବେରିନବଲ ବୋଲି ଏକ ଔଷଧ ଦୋକାନରେ ମିଳୁଥିଲା । ଯାହା ସେ ରୋଗର ଔଷଧ । ଏହା ଏକ ପ୍ରକାର ଭିଟାମିନ ଅଭାବ ଜନିତ ରୋଗ ବୋଲି ଡାକ୍ତର ମନେ କରନ୍ତି । ପାଠ ପଢ଼ିବା ଆରମ୍ଭ ବେଳେ ସବୁ ଛାତ୍ରଛାତ୍ରୀ ଗୃହ ପରିବେଶ ମା ସ୍ନେହ ମମତା ଛାଡ଼ି ବିଦ୍ୟାଳୟ ଯିବାକୁ ନାହିଁ ନାହିଁ ହୋଇଥାନ୍ତି । ମାତ୍ର ମା'ସ୍ନେହ ସଦୃଶ ଶିକ୍ଷୟତ୍ରୀ ଶିକ୍ଷକ ମନେ ଯଦି ପ୍ରାଥମିକ ସ୍ତରରେ ଶିଶୁ ଛାତ୍ରଛାତ୍ରୀଙ୍କ ପ୍ରଭାବିତ କରନ୍ତି ତେବେ ପାଠ, ନିଶା ସେ ପିଲାମାନଙ୍କୁ ଲାଗିବା ଆରମ୍ଭ କରିଥାଏ । ପରଜୀବନରେ ସେମାନେ ଏକ ବିଦ୍ୱାନ ହେବା ନିମନ୍ତେ ଏ କ୍ଷେତ୍ରରେ ପ୍ରାଥମିକ ମୌଳିକ ଶିକ୍ଷା ଦାନକାରି ମନେ ପିଲାଙ୍କ ନାହିଁ ନାହିଁ ଛଡ଼ାଇ ଥାନ୍ତି । ବଳଦ, ଘୋଡ଼ା, ମଣ ନହେଲେ କୌଣସି କର୍ମରେ ସିଧା ମୁତୟନ କରାଯାଏ ନାହିଁ । ମଣ ଅର୍ଥ ତାଲିମ, ବଳଦ ହଳକୁ ମଇକୁ ଶଗଡ଼ ଟଣାକୁ ବେଙ୍ଗଳାକୁ ତାଲିମ ବା ମଣ କରାଯାଏ । ଘୋଡ଼ା ମନେ ସେହିପରି ସହିସ, କଟୁସନ, ଘୋଡ଼ାଙ୍କୁ ଟହଲାଇ ସୌଡ଼ାଇବା ଅଭ୍ୟସ୍ତ କରନ୍ତି । କାବୁଲ, ଆରବ, ତୁରସ୍କ ଘୋଡ଼ାଙ୍କୁ ଧାବିତ ତାଲିମ ଦେଇ ଆମ ଦେଶ ରାଜଙ୍କ ପାଇଁ ଓ ରାଜସେନା କଟୁଆଳ ଦୂତଙ୍କ ବ୍ୟବହାର ପାଇଁ ଆଣୁଥିଲେ ବି ସେ ଘୋଡ଼ା ତତ ଦେଶ ଭାଷାର ବୋଲିରେ ତାଲିମ ବେଳେ ଯେଉଁ ଆଦେଶ ମାନନ୍ତି ତାହା ଘୋଡ଼ା ବିକ୍ରିପାରେ ଭିନ୍ନ ଭାଷାର ଆଦେଶକୁ ବୁଝିବା ପାଇଁ ପୁନଃ ଆଦେଶର ଆବଶ୍ୟକ ଥାଏ । ସବୁପଶୁ ମନୁଷ୍ୟର କେବେ ସହଜରେ ବଶୀଭୂତ ନୁହଁନ୍ତି ତାଙ୍କ ସାଧୀନତାରେ ମନୁଷ୍ୟର ସ୍ୱାର୍ଥପରତାରେ ନାହିଁ ନାହିଁ ହେଲେ ମନୁଷ୍ୟର ସେବା ମମତା ଦୟା ପ୍ରଦର୍ଶନରେ ଖାଲି ବଦଳ ଗାଈ ଘୋଡ଼ା କୁକୁର କଣ ହାତୀ, ବାଘ, ସିଂହ ନାହିଁ ନାହିଁ ଛାଡ଼ି ବୋଲକରା ହୋଇଯାଆନ୍ତି । ବୋହୁ ବୋଲ କରା ଅନେକ ଶାଶୁ ଘରେ ହେଉନାହାନ୍ତି । ଏମିତି ଶୁଣିବାକୁ ମିଳେ, ଶାଶୁ ମା ଓ ନିଜ ମା ମଧ୍ୟରେ ବଡ଼ ପ୍ରାଚୀର ରହୁଛି ଅନେକ ବୋହୂ ଭାବନ୍ତି, ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ ମାତ୍ର ଅନେକ କ୍ଷେତ୍ରରେ ଏହା ଦେଖାଯାଉଛି, ଆତୁର ହୋଇ ବିବାହ କନ୍ୟାର ବା ବରର ବିବାହ ବୟସ ଗଡ଼ି ଯାଉଛି ଭାବି କୁଳଶୀଳ ନବୁଝି ବିବାହ କରାଗଲେ ଏହାପର ସମୟକୁ ପ୍ରକଟ ସ୍ୱାମୀର ନହେଲେ ସ୍ତ୍ରୀ ନାହିଁ ନାହିଁ ଅବୋଲ କରା ଢ଼ଙ୍ଗ ପ୍ରକଟ ହେଉଛି । ପୂର୍ବେ ପାଟକ ଜାତି ପରମ୍ପରା ଥିଲା ଝିଅ ମନେ ବାପା ମାଆଙ୍କ ଦ୍ୱାରା ତାଙ୍କ ଘର ଆୟକାରୀ ବୃତ୍ତିରେ ଅଭ୍ୟସ୍ତ ହୋଇ ବିବାହ ପରେ ଶାଶୁଘରେ ସେହିପରି କାମରେ ପରିବାର ସହ ମିଳି କାମ ଏକ ଅଂଶୀଦାର ଭାବରେ କରୁଥିଲେ । ଏହି ଦାମ୍ପତ୍ୟ ଜୀବନକୁ ବିଶେଷ ପ୍ରଭାବିତ କରୁନଥିଲା । ଏହାଥଲା କୁଳ ପରମ୍ପରା । ପଞ୍ଜାବ କୃଷକ ପରିବାରକୁ ଦେଖନ୍ତୁ ଗହମ କ୍ଷେତ୍ରରେ ପୁରା ପରିବାର ଜନ ଦିନ ତମାମ କାମ କରୁଛନ୍ତି । ତାଙ୍କର ଖାଇବା ପିଇବା ସେହି କ୍ଷେତ୍ରରେ ହିଁ ସାଧନ ହେଉଛି । ରାଜା ବିବାହରେ ରାଣୀ ଆଣିଲେ ମହଲ ଚଳେଇବା ପାଇଁ ଚାକରାଣୀ ଖଞ୍ଜା କରନ୍ତି । ଏବର ବିବାହ ଆଡ଼ମ୍ବର ଥାଟ ବାଟର ବିବାହ ପାଇଁ ଆୟୋଜନ ଯୌତୁକ ଦାବୀ ଆଉ କନ୍ୟାର ବିଦ୍ୟା ଆୟ ରୁପଗୁଣ ସବୁ ଦେଖିବା ପରେ ଠିକ ରାଜପରିବେଶରେ ବିବାହ ହୋଇ ଗଲେ ବି ତାଙ୍କ ସ୍ତ୍ରୀ ରାଣୀକାମ କରବାର ନୁହେଁ ସେଇ ଶାସ୍ତା ଚାକରାଣୀ କାମ ତୁଳାଇବା ଦେଖାଯାଉଛି । ତାହେଲେ ବରମୁଣ୍ଡରେ କାହିଁକି ପଗଡ଼ି ମୁକୁଟ, କାହିଁକି ରାଜ ଥାଟବାଟ ଆଖିଦୃଶିଆ ଜ୍ଞାତି ଭୋଜନ ? ଯେମିତି ସବୁ ଥିଏଟର, ନାଟକ, ସିନେମା, ବିବାହ ହେଉଛି ସେହି ଦୃଶ୍ୟ ଏବେ ସର୍ବତ୍ର ସତ୍ୟ ମଞ୍ଚରେ ଦୃଶ୍ୟ ଥିଲା ବନଦୁର୍ଗା ପତ୍ର ପୁଷ୍ପରେ ସଜାଇ ପୂଜା, ଘୃତ ବନଔଷଧିର ସାକଲ୍ୟ ଶାଳ ଆମ୍ବ ଗଛର କାଠ, ବିଧିରେ ସମୟରେ ଶୁଦ୍ଧ ସିଦ୍ଧ ସାଧକ ବ୍ରାହ୍ମଣଙ୍କ ଦ୍ୱାରା ମହାପୂଜା ଦେବ ଉପଚାର କରାଯିବା ଏବେ ସବୁ ଦେଖାଣିଆ ସହରୀ ଦୁର୍ଗାପୂଜା, ସହରରେ ଯେଜମାନ ପୁରୋହିତ ବନ୍ଧା ସମ୍ପର୍କ ନାହିଁ । କେବଳ ବହିପଢ଼ା ସାଧନା ବିହୀନ ଶୁଦ୍ଧ କି ଅଶୁଦ୍ଧ ଅଜଣା ଡାକବାଜି ଯନ୍ତ୍ରରେ ମନ୍ତ୍ର ବୋଲିବା ପୁରୋହିତ ପଇସା ଖର୍ଚ୍ଚ ମଜୁରୀ ଟେଣ୍ଡରରେ ଯେ କମ ନେଇକି ପୂଜା ଚଳାଇ ନେବ ଏପରି ଦୁର୍ଗାପୂଜା ଆଦି ବହୁ ଆଖି ଦୃଶିଆ ସାଜସଜା ଅର୍ଥବଳି ଲୋକଙ୍କୁ କର୍ତ୍ତା ବନାଇ କରାଯାଉଛି । ଦେବୀ ଆବାହନୀ କଳସ ବୁଡ଼ରେ ପଟୁଆର ନାହିଁ, ଦେବୀ ମୂର୍ତ୍ତି ବିସର୍ଜନ ଯାହା ବିରହ ବ୍ୟଥା ଦାୟକ ଏଥିରେ ପୁରା ରାଜସିକ ଥାଟ ବାଟ, କେହି ଏଥିରେ ବାରିବାକୁ ନାହିଁ, ମାର୍ଗ ଦର୍ଶକ ଅଭାବ, ନେତା ମନ୍ତ୍ରୀ ତାଙ୍କର ଭବିଷ୍ୟତ କ୍ଷେତ୍ରସୃଷ୍ଟିରେ ଦେବୀଙ୍କ ସହ ଜନତାଙ୍କୁ ନମସ୍କାର ହାତଯୋଡ଼ା ଏଥିରେ ବହୁ ଶାସ୍ତ୍ର ମାନ୍ୟତା ନାହିଁ ଅଛି । ଆଧୁନିକ କଲ୍ୟାଣ ମଣ୍ଡପ ଭଡ଼ା ଘରେ କନ୍ୟା ଦାନ ଉଚ୍ଚିତ କି ନୁହଁ ଏକଥା କୌଣସି ଧର୍ମଶାସ୍ତ୍ରରେ ବିଶେଷ ସଭାରେ କରାଯାଇ ନାହିଁ । ବିବାହ କାର୍ଯ୍ୟ ପାଇଁ ଏବେ ସମ୍ପୂର୍ଣ୍ଣ ବଣିକ ସୌଦାଗର ବୃତ୍ତି, ମାଲ କିସିକା କମାଲ କିସିକା, ଲୋକେ ସ୍ଥିର ମତିରେ ଭାବନ୍ତୁ, ଧର୍ମଶାସ୍ତ୍ରକୁ ବାନ୍ଧି ପୂଜା କରନ୍ତୁ ନାହିଁ ଏହାର ସଦା ତର୍ଜମା ପାଇଁ ସରକାର ଲୋକ ପାଳନୀୟ ପାଇଁ ସୁବ୍ୟବସ୍ଥା ଶୀଘ୍ର କରନ୍ତୁ, କେବଳ ଏକ ଧର୍ମପତ୍ରଙ୍କ ପାଇଁ ନୁହଁ ସମସ୍ତଙ୍କ ପାଇଁ ଧର୍ମଶାସ୍ତ୍ରର ଅନୁଷ୍ଠାନ ସଭା ରାଜନିୟନ୍ତ୍ରଣ କରାଗଲେ ବହୁ ପ୍ରକାର ଶାନ୍ତି, ବୃଥା ଖର୍ଚ୍ଚାନ୍ତ, ବିବାଦ ସଂକୁଚିତ ହୋଇଯାନ୍ତା ।


*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,*

*ଦୂରଭାଷ : ୯୪୩୭୦୩୧୨୫୩*


# ପରିବେଶ କାର୍ଯ୍ୟକର୍ତ୍ତା ମୁଖା ପିନ୍ଧା ଅର୍ବାନ ନକ୍ସଲବାଦୀ

**ଡ. ସମନ୍ୱୟ ନନ୍ଦ**

ଦିଲ୍ଲୀରେ ପ୍ରଦୂଷଣର ମାତ୍ରା ଅତ୍ୟନ୍ତ ବିପଜ୍ଜନକ ସ୍ତରରେ ପହଂଚି ସାରିଛି । ଲୋକ ମାନେ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଛନ୍ତି । ବାୟୁ ପ୍ରଦୂଷଣ କାରଣରୁ ପିଲା ମାନେ ସ୍କୁଲ ଯାଇ ପାରୁ ନାହାନ୍ତି । ପ୍ରଦୂଷଣର ଏହି ସ୍ତର ବାସ୍ତବରେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ତେଣୁ ସମାଜରେ ଏହାକୁ ନେଇ ଉଦବେଗ ପ୍ରକାଶ ପାଇବା ସାଭବିକ । ଏହାକୁ ନେଇ ଜନ ଜାଗରଣ କରାଯିବା ଓ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯିବା ପାଇଁ ବିଭିନ୍ନ ସଂଗଠନ ଓ ଲୋକ ମାନଙ୍କ ଆନ୍ଦୋଳନ କରାଯିବା ଏକ ସାଭବିକ ପ୍ରକ୍ରିୟା । ଏହି କ୍ରମରେ ହିମଖଣ୍ଡ ନାମକ ଏକ ସଂଗଠନ ଓ ଏହାର ସହଯୋଗୀ ସଂଗଠନର କାର୍ଯ୍ୟକର୍ତା ମାନଙ୍କ ଦ୍ୱାରା ଏହି ପ୍ରଦୂଷଣକୁ ନେଇ ଗତ ନଭେମ୍ବର ୨୩ ତାରିଖ ଦିଲ୍ଲୀର ଇଣ୍ଡିଆ ଗେଟ ଠାରେ ଏକ ବିରୋଧ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ଯେପରିକି ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ପ୍ରଦୂଷଣକୁ ନେଇ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଉଦ୍ଦେଶ୍ୟ ନେଇ ବିକ୍ଷୋଭ କିମ୍ବା ଆନ୍ଦୋଳନ କରାଯିବା ଗଣତନ୍ତ୍ରରେ ଏକ ସାଭବିକ ପ୍ରକ୍ରିୟା ।

ହେଲେ ହଠାତ ପ୍ରଦୂଷଣ ନାମରେ ହେଉଥିବା ବିକ୍ଷୋଭ ପ୍ରଦର୍ଶନ କରୁଥିବା ହାତ ଗଣତି ଯୁବକ-ଯୁବତୀ ମାନେ ପ୍ରଦୂଷଣ ପ୍ରସଙ୍ଗକୁ ଛାଡି ଯେଉଁ ପ୍ରକାର ଅନ୍ୟ ବିଷୟରେ ହଠାତ ନାରାବାଜୀ କରିବା ଆରମ୍ଭ କରିଥିଲେ ତାକୁ ନେଇ ସେଠାରେ ପ୍ରଶାସନ ସମେତ ସ୍ଥାନୀୟ ନାଗରିକ ମାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ଏହି ବିକ୍ଷୋଭକାରୀ ମାନେ ପ୍ରଦୂଷଣ ସମ୍ପର୍କରେ ନାରାବାଜୀ କରିବା ପରିବର୍ତ୍ତେ ହଠାତ ଲାଲ ସଲାମର ନାରା ଦେଇଥିଲେ । ସେମାନେ ୨ ଶହରୁ ଉର୍ଧ ସୁରକ୍ଷାକର୍ମୀ ସମେତ ୩ ଶହ ଲୋକ ମାନଙ୍କୁ ହତ୍ୟା କରିଥିବା ନକ୍ସଲବାଦୀ ହିଡମାର ସମର୍ଥନରେ ନାରାବାଜୀ କରିବା ଦେଖିବାକୁ ମିଳିଥିଲା । ସେମାନେ କହିଥିଲେ ଯେ 'ତୁମ କିତନେ ହିଡମା ମାରୋଗେ, ହର ଘର ସେ ହିଡମା ନିକଲେଗା' । ଏହି ନାରାବାଜୀ ଶୁଣିବା ପରେ ପୋଲିସ ପ୍ରଶାସନର ଅଧିକାରୀ ସମେତ ଇଣ୍ଡିଆଗେଟ ବୁଲିବାକୁ ଆସିଥିବା ସାଧାରଣ ଲୋକ ମାନଙ୍କ ମଧ୍ୟରେ ପ୍ରଶ୍ନ ଆସିଥିଲା ଯେ ଏହି ଆନ୍ଦୋଳନ ପ୍ରଦୂଷଣ ବିରୋଧରେ ହେଉଥିଲା ନା ନକ୍ସଲବାଦୀ ମାନଙ୍କୁ ସମର୍ଥନ ପ୍ରଦାନ କରିବା ପାଇଁ ।

ଏହି ତଥାକଥିତ ପରିବେଶ ଆନ୍ଦୋଳନକାରୀ ମାନେ ହିଡମାର ମହିମାମଣ୍ଡନ କରିବା ଓ ତା ସମର୍ଥନରେ ନାରାବାଜୀ କରିବା ସହ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ମାନଙ୍କ ଉପରେ ଲଙ୍କା ଗୁଣ୍ଡ ସ୍ପ୍ରେ କରିଥିବା ଦେଖିବାକୁ ମିଳିଥିଲା ।

ଗତ କିଛି ବର୍ଷ ଧରି ଦେଶର ନାଗରିକ ମାନେ ଅର୍ବାନ ନକ୍ସଲ ନାମକ ଏକ ଶବ୍ଦ ବାରମ୍ବାର ଶୁଣି ଆସୁଛନ୍ତି । ଅର୍ବାନ ନକ୍ସଲ ମାନେ ହେଉଛନ୍ତି ସେହି ନକ୍ସଲବାଦୀ ଯେଉଁ ମାନେ ବଣ ଜଙ୍ଗଲରେ ଯାଇ ବନ୍ଧୁକ ଓ ଗୋଳା ବାରୁଦ ଧରି ତଥାକଥିତ ବିପ୍ଳବରେ ସାମିଲ ହୋଇ ନ ଥାନ୍ତି ବରଂ ସହରରେ ରହି ବିଭିନ୍ନ ଛଦ୍ମ ଆବରଣ ମଧ୍ୟରେ ଜଙ୍ଗଲରେ ତଥାକଥିତ ବିପ୍ଳବ କରୁଥିବା ନକ୍ସଲବାଦୀ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଥାନ୍ତି । ନକ୍ସଲବାଦୀ ମାନଙ୍କର ହିଂସାତ୍ମକ କୃତ୍ୟ, ବର୍ବରତା ଆଦିକୁ ସୁନ୍ଦର ସୁନ୍ଦର ତର୍କ ପ୍ରଦାନ କରି ଠିକ ବୋଲି ପ୍ରମାଣିତ କରିଥାନ୍ତି ଓ ସେମାନଙ୍କୁ ବୈଚାରିକ ଢାଲ ପ୍ରଦାନ କରିଥାନ୍ତି ।

ଏଠାରେ ଗୋଟିଏ କଥା ଉପରେ ଧ୍ୟାନ ଦେବାକୁ ହେବ ଯେ ପରିବେଶ ସଂରକ୍ଷଣ ନାମରେ ହୋଇଥିବା ଓ ବାସ୍ତବରେ ନକ୍ସଲବାଦୀଙ୍କ ସମର୍ଥନରେ ହୋଇଥିବା ଏହି ଆନ୍ଦୋଳନ ସେତେବେଳେ ହୋଇଛି ଯେତେବେଳେ ସାରା ଦେଶରେ ଲାଲ ଆତଙ୍କବାଦ ବିରୁଦ୍ଧରେ ସରକାରଙ୍କ ଯୁଦ୍ଧ ନିର୍ଣ୍ଣାୟକ ସ୍ତରରେ ପହଂଚି ସାରିଛି । କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ଲାଲ ଆତଙ୍କବାଦକୁ ସମୁଳେ ନିପାତ କରିବାକୁ ଘୋଷଣା କରିଛନ୍ତି ଓ ଏ ଦିଗରେ ଗୋଟିଏ ପରେ ଗୋଟିଏ ସଫଳତା ପ୍ରାପ୍ତ କରୁଛନ୍ତି । ଲାଲ ଆତଙ୍କବାଦୀ ମାନଙ୍କର ପ୍ରମୁଖ ନେତା ମାନେ ବର୍ତ୍ତମାନ ସୁଦ୍ଧା ନିପାତ ହୋଇ ସାରିଲେଣି । କାଁ ଭାଁ ନେତା ଅଛନ୍ତି । କ୍ୟାଡର ମାନଙ୍କର ମନୋବଳ ରସାତଳଗାମୀ ହେଲାଣି ଓ ଲଗାତାର ଭାବେ ନକ୍ସଲବାଦୀ କ୍ୟାଡର ବିଭିନ୍ନ ରାଜ୍ୟରେ ଆତ୍ମ ସମର୍ପଣ କରୁଥିବା ଦେଖିବାକୁ ମିଳିଛି । ବାସ୍ତବିକ ନକ୍ସଲବାଦୀ ମାନଙ୍କର ଆସନ୍ନ ପରାଜୟ ଦେଖି ସହରରେ ଥିବା ନକ୍ସଲବାଦୀ ମାନେ ପରିବେଶ ଆଳରେ ତାଙ୍କର ସମର୍ଥନରେ ବାହାରିଛନ୍ତି । ଲାଲ ଆତଙ୍କବାଦୀଙ୍କ ବିରୁଦ୍ଧରେ ସରକାରଙ୍କ ଦ୍ୱାରା ଚଳାଯାଉଥିବା ଅଭିଯାନକୁ ରୋକିବା ପାଇଁ ଚାପ ପ୍ରୟୋଗ ପାଇଁ ଏହା ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ ହେଉଛି ।

ପରିବେଶ ରକ୍ଷା ଆଳରେ ଆନ୍ଦୋଳନ କରୁଥିବା ସଂଗଠନ ଓ ଏହାର କାର୍ଯ୍ୟକର୍ତ୍ତା ମାନେ ଲାଲ ଆତଙ୍କବାଦର ସମର୍ଥନରେ ବାହାରା ନାରା ଦେବା ପ୍ରଥମ ଘଟଣା ନୁହେଁ । ଏହି ଅର୍ବାନ ନକ୍ସଲ ମାନେ ବିଭିନ୍ନ ସମୟରେ ବିଭିନ୍ନ ବ୍ୟାନରରେ ଆନ୍ଦୋଳନ ବିକ୍ଷୋଭ ଆଦି କରିଥାନ୍ତି । ପ୍ରସଙ୍ଗ ମଧ୍ୟ ଭିନ୍ନ ଭିନ୍ନ ରହିଥାଏ । ଯେପରିକି କେତେବେଳେ ଏଲଜିବିଟି ମାନଙ୍କର ଅଧିକାର ପାଇଁ ତ କେବେ ଅନ୍ୟ କୌଣସି ପ୍ରସଙ୍ଗ ପାଇଁ । ହେଲେ ସେମାନଙ୍କର ଉଦ୍ଦେଶ୍ୟ ଆଉ କିଛି ଥାଏ । ଭାରତର ସମାଜକୁ ଭାଗ ଭାଗ କରିବା ଓ ଭାରତକୁ ଦୁର୍ବଳ କରିବା ତାଙ୍କର ମୂଳ ଉଦ୍ଦେଶ୍ୟ ରହିଥାଏ ।



ଏବେ ଏହି ଅର୍ବାନ ନକ୍ସଲବାଦୀ ମାନଙ୍କ ଦ୍ୱାରା ବିଗତ ଦିନରେ କରାଯାଇଥିବା ଆଉ ଏକ ଆନ୍ଦୋଳନ ଉପରେ ଦୃଷ୍ଟି ପକାଇବା ଦ୍ୱାରା ସେମାନଙ୍କର କାର୍ଯ୍ୟକଳାପ ଓ କାର୍ଯ୍ୟ କରିବାର ଶୈଳୀକୁ ଭଲ ଭାବେ ବୁଝିପାରିବା । ଯଦି ଆମେ ଦିଲ୍ଲୀର ପରିବେଶକୁ ନେଇ ଆନ୍ଦୋଳନ କରୁଥିବା ଲୋକ ମାନଙ୍କର ସଂଗଠନ ଓ ତାର ନେତା ମାନଙ୍କୁ ଦେଖିବା ଓ ଭଲ ଭାବେ ସେମାନଙ୍କ ଇତିହାସ ଉପରେ ଦୃଷ୍ଟି ପକାଇବା ତେବେ ପାଇବା ସେମାନେ ଭାରତୀୟ ସଂସଦ ଦ୍ୱାରା ପାରିତ ସିଏଏ ଆଇନ ବିରୁଦ୍ଧରେ ଭ୍ରମ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ । ସେମାନେ ଲୋକ ମାନଙ୍କୁ ବିଭ୍ରାନ୍ତ କରି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ।

ସିଏଏ ବିରୋଧରେ ଇସଲାମିଷ୍ଟ ମାନେ ସାରା ଦେଶରେ ଆନ୍ଦୋଳନ କରୁଥିଲେ । ଦିଲ୍ଲୀର ଶାହୀନ ବାଗ ଅଂଚଳ ଠାରୁ ଆରମ୍ଭ କରି ସାରା ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଉଥିଲା । ତୁର୍କୀ ସମେତ ଅନେକ ଭାରତ ବିରୋଧୀ ଶକ୍ତି ପିଏଫଆଇ ଭଳି ଇସଲାମୀ ଆତଙ୍କବାଦୀ ସଂଗଠନ ଜରିଆରେ ଭାରତୀୟ ମୁସଲମାନ ମାନଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଥିଲେ । ଠିକ ସେତିକି ବେଳେ ଏହି ଅର୍ବାନ ନକ୍ସଲବାଦୀ ମାନେ ମଧ୍ୟ ସକ୍ରିୟ ହୋଇଥିଲେ । ସେମାନେ ଏହି ଇସଲାମିଷ୍ଟ ମାନଙ୍କ ସହ ଏକ ପ୍ରକାର ମେଂଟ କରି ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରିଥିଲେ ।

ମାଓବାଦୀ ଓ ନକ୍ସଲବାଦୀ ମାନେ ବନ୍ଧୁକ ଜରିଆରେ କ୍ଷମତା ହାସଲ କରିବାକୁ ଚାହାନ୍ତି । ଏମାନେ ଜଙ୍ଗଲରେ ଲୁଚି ପ୍ରଶାସନ ଓ ସାଧାରଣ ଲୋକ ମାନଙ୍କୁ ହତ୍ୟା କରି ଭୟର ବାତାବରଣ ସୃଷ୍ଟି କରିଥାନ୍ତି । କିନ୍ତୁ ସହରରେ ରହୁଥିବା ଓ ନିଜକୁ ବୁଦ୍ଧିଜୀବୀ ବୋଲାଉଥିବା ଏହି ଅର୍ବାନ ନକ୍ସଲବାଦୀ ମାନେ ସେହି କାର୍ଯ୍ୟକୁ ଭିନ୍ନ ରୂପରେ କରିଥାନ୍ତି । ସେମାନେ ଦେଶ ବିରୋଧୀ ଶକ୍ତି ମାନଙ୍କ ସହ ମିଶି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରିଥାନ୍ତି । କେତେବେଳେ ସେ ଇସଲାମିଷ୍ଟ ଶକ୍ତି ମାନଙ୍କ ସହ ମିଶି ଏହି କାର୍ଯ୍ୟ କରିଥାନ୍ତି ତ କେତେବେଳେ ଆଉ କେଉଁ ଶକ୍ତି ସହ ମିଶିଥାନ୍ତି । ତେଣୁ ସେମାନେ କେତେବେଳେ 'କିତନେ ଅଫଜଲ ମାରୋଗେ, ହର ଘର ସେ ଅଫଜଲ ନିକଲେଗା' ର ସ୍ଲୋଗାନ ଦେଇଥାନ୍ତି ତ କେତେବେଳେ ତୁମ 'କିତନେ ହିଡମା ମାରୋଗେ, ହର ଘର ସେ ହିଡମା ମାରୋଗେ'ର ସ୍ଲୋଗାନ ଦେଇଥାନ୍ତି । ଏହି ଅର୍ବାନ ନକ୍ସଲ ମାନଙ୍କ ବିଷୟରେ ଆଉ ଏକ କଥା ସ୍ପଷ୍ଟ ଭାବେ ଦେଖା ଯାଇ ପାରେ ଯେ ସେମାନେ ଇସଲାମୀ ଆତଙ୍କବାଦୀ ବା ଲାଲ ଆତଙ୍କବାଦୀ ମାନଙ୍କ ପାଇଁ ସବୁବେଳେ ଠିଆ ହୋଇଥାନ୍ତି । ମଧ୍ୟ ରାତ୍ରୀରେ ମଧ୍ୟ ସେମାନେ ଏହି ଆତଙ୍କବାଦୀ ମାନଙ୍କୁ ଫାସିରୁ ବଂଚାଇବାକ ନ୍ୟାୟାଳୟକୁ ଖୋଲା କରାଇବାକୁ ଚେଷ୍ଟା କରିଥାନ୍ତି ।

ଏହି ଅର୍ବାନ ନକ୍ସଲବାଦୀ ମାନଙ୍କର ଆଭିମୁଖ୍ୟ ସ୍ପଷ୍ଟ । ସେମାେ ନ ଭାରତକୁ ଦୁର୍ବଳ କରିବାକୁ ଚେଷ୍ଟିତ ଥିବା ସମସ୍ତ ଶକ୍ତି ସହ ଖୋଲାଖୋଲି ଭାବେ ଠିଆ ହେବେ । କାରଣ ଭାରତ ଦୁର୍ବଳ ହେଉ, ବା ଭାରତରେ ଅରାଜକତା ସୃଷ୍ଟି ହେଉ ତାହା ହିଁ ତାଙ୍କର ଇଚ୍ଛା । ଭାରତ ଦୁର୍ବଳ ହେଲେ କିମ୍ବା ଭାରତରେ ଅରାଜକତା ସୃଷ୍ଟି ହେଲେ ହିଁ ସେମାନଙ୍କର ତଥାକଥିତ ବିପ୍ଳବ ହୋଇ ପାରିବ । ତେବେ ଭାରତର ନାଗରିକ ମାନେ ସେମାନଙ୍କୁ ଭଲ ଭାବେ ଚିହ୍ନିବା ଦରକାର । ଯଦି କିଏ ପରିବେଶ କିମ୍ବା ଅନ୍ୟ କୌଣସି ଭଲ ପ୍ରସଙ୍ଗ ନେଇ ବିକ୍ଷୋଭ କରୁଛି ତାର ଅର୍ଥ ନୁହେଁ ସେ ପରିବେଶ ପାଇଁ ଚିନ୍ତିତ । ସେ ପରିବେଶ ସୁରକ୍ଷା ମୁଖା ପିନ୍ଧା ଅର୍ବାନ ନକ୍ସଲ ହୋଇ ଥାଇ ପାରେ ।

# ସୁରକ୍ଷା, ଦାୟିତ୍ୱ ଏବଂ ଜନବିଶ୍ୱାସ – ନୂତନ ଅଧିନିୟମରୁ କ'ଣ ପ୍ରାପ୍ତ ହେବ

**ଡକ୍ଟର ରତନ କୁମାର ସିହ୍ନା**

ଜନସାଧାରଣଙ୍କ ବିଶ୍ୱାସ ସର୍ବଦା ଭାରତର ପରମାଣୁ କାର୍ଯ୍ୟକ୍ରମର ମୂଳଦୁଆ ହୋଇଆସିଛି । ସ୍ଥାୟୀ, ସମାନ ଏବଂ ଶକ୍ତି-ସୁରକ୍ଷିତ ବିକାଶ ପାଇଁ ଦେଶର ଦୃଷ୍ଟିକୋଣ ପରମାଣୁ ଶକ୍ତିକୁ ସର୍ବାଧିକ ସୁରକ୍ଷା, ନିସନ୍ଦେହ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛ ଯୋଗାଯୋଗ ସହିତ ବ୍ୟବହାର କରିବାର ଆବଶ୍ୟକତାକୁ ସୂଚିତ କରେ । ସୁରକ୍ଷା, ଦାୟିତ୍ୱ ଏବଂ ଜନବିଶ୍ୱାସର ସ୍ତମ୍ଭ କେବଳ ଆବସ୍ତୁ ଆଦର୍ଶ ନୁହେଁ, ଏହା ଭାରତର ପରମାଣୁ ଉଦ୍ୟୋଗରେ ବ୍ୟାବହାରିକ ଆଧାରଶୀଳା ଭାବେ ସୁପ୍ରତିଷ୍ଠିତ ।

ଯେତେବେଳେ ଆମେ ପରମାଣୁ ଶକ୍ତି ପାଇଁ ଏକ ନୂତନ ଆଇନଗତ ଢାଞ୍ଚା ବିଷୟରେ ବିଚାର କରୁଛୁ, ସେହି ଦୃଷ୍ଟିରୁ ଏହା ପ୍ରଶ୍ନ କରାଯିବା ଜରୁରୀ ଯେ, ଏହି ନୂତନ ଆଇନ ଦ୍ୱାରା କ'ଣ ହାସଲ କରାଯିବ । ମୋ ମତରେ, ଏହି ମୂଳଦୁଆକୁ ସୁଦୃଢ଼ କରିବାରେ ହିଁ ଉତ୍ତର ରହିଛି । ଏହି ଆଇନ ଜନସାଧାରଣଙ୍କ ବିଶ୍ୱାସକୁ ଆଘାତ ନକରି ସୁରକ୍ଷା ଏବଂ ସଶକ୍ତିକରଣ, ସରଳୀକରଣ ଏବଂ ସୁରକ୍ଷା ପ୍ରଦାନ କରିବ ତଥା ନବସୃଜନକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି ।

ସୁରକ୍ଷା-ପୂର୍ଣ୍ଣତାର ସଂସ୍କୃତିକୁ ସଂସ୍ଥାଗତ ବ୍ୟବସ୍ଥାରେ ପରିଣତ କରିବା

ପରମାଣୁ ପ୍ରଯୁକ୍ତିବିଦ୍ୟାରେ ସୁରକ୍ଷା କେବଳ ଡିଜାଇନର ଏକ ଅତ୍ୟାବଶ୍ୟକୀୟ ଅଂଶ ନୁହେଁ, ବରଂ ଏହା ଏହାର ମୌଳିକ ଦର୍ଶନ ହେବା ଉଚିତ । ଟ୍ରମ୍ବେଠାରେ ଭାରତର ପ୍ରଥମ ଅନୁସନ୍ଧାନ ରିଆକ୍ଟରଠାରୁ ନେଇ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମେଗା ୭୦୦ ୱାଟ୍ କ୍ଷମତାଯୁକ୍ତ ଭାରିଜଳ ବ୍ୟବହାରକ୍ଷମ ରିଆକ୍ଟର ଏବଂ ଆଗାମୀ ପିଢ଼ିର ରିଆକ୍ଟର ପର୍ଯ୍ୟନ୍ତ, ଡିଜାଇନଗୁଡ଼ିକ ସର୍ବଦା କଠୋର ସୁରକ୍ଷା ଏବଂ ସୁରକ୍ଷା ବୈଶିଷ୍ଟ୍ୟ ଦ୍ୱାରା ନିର୍ଦ୍ଦେଶିତ ହୋଇଆସିଛି ।

ଆମେ ଯେତେବେଳେ ପ୍ରଗତଯୁକ୍ତ ଭାରିଜଳ ରିଆକ୍ଟର (ଏଏଚଡବ୍ଲୁଆର)ର କଳ୍ପନା କରିଥିଲୁ, ସେତେବେଳେ ଆମର ଲକ୍ଷ୍ୟ କେବଳ ଥୋରିୟମର ବ୍ୟବହାର ପ୍ରଦର୍ଶନ କରିବା ନୁହେଁ, ବରଂ ଏହା ମଧ୍ୟ ପ୍ରଦର୍ଶନ କରିବା ଥିଲା ଯେ ଏକ ରିଆକ୍ଟର ଅପରେଟରର ହସ୍ତକ୍ଷେପ ବିନା ସୁରକ୍ଷିତ ରହିପାରିବ । ଏହା ଏଭଳି ଏକ ଡିଜାଇନ ଯାହା ସ୍ୱତଃପ୍ରବୃତ୍ତଭାବେ ସୁରକ୍ଷିତ ହୋଇଥିବ । ବାସ୍ତବପକ୍ଷେ,ସୁରକ୍ଷା ପରମାଣୁ ଶକ୍ତି ନିୟୋଜନର ଏକ ଅବିଚ୍ଛେଦ୍ୟ ଅଂଶ ।

ନୂତନ ଆଇନ ନିଶ୍ଚିତ ଭାବରେ ଗ୍ୟାରେଣ୍ଟି ଦେବା ଉଚିତ ଯେ ସୁରକ୍ଷା ସଂସ୍କୃତି ଜାରି ରହିବ । ଏହା ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବା ଉଚିତ ଏବଂ ନିୟାମକ ପ୍ରତିଷ୍ଠାନଗୁଡ଼ିକର ସ୍ୱାୟତ୍ତତା, କର୍ତ୍ତୃପକ୍ଷ ଏବଂ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବା ଆବଶ୍ୟକ । ଏହାଫଳରେ ଆବଶ୍ୟକତା ଅନୁସାରେ ପ୍ରଯୁକ୍ତିର ଉନ୍ନୟନ ଏବଂ ପାରଦର୍ଶୀ ସଂରକ୍ଷଣର ସମୀକ୍ଷାକୁ ପ୍ରୋତ୍ସାହନ ମିଳିପାରିବ । ଏହା ପ୍ରଚଳନ ପ୍ରଦର୍ଶନର ସୂଚନା ଆଦାନପ୍ରଦାନକୁ ମଧ୍ୟ ବୃଦ୍ଧି କରିବାରେ ସହାୟକ ହେବ ।

ଯେକୌଣସି ଉଦ୍ୟୋଗରେ, ବିଶେଷକରି ପରମାଣୁ ଶକ୍ତି ପ୍ରସଙ୍ଗରେ ଏହା ଅଧିକ ଜରୁରୀ ମନେ ହୁଏ । ସୁରକ୍ଷା ଏକ ସ୍ଥିର ଲକ୍ଷ୍ୟ ନୁହେଁ । ଏହାକୁ ଏପରି ଏକ ସଂସ୍କୃତି ଭାବରେ ଦେଖାଯିବା ଉଚିତ, ଯାହାର ନିରନ୍ତର ପୋଷଣ ହେବା ବାଞ୍ଛନୀୟ । ବିଶେଷକରି ପରମାଣୁ ପରିସ୍ଥିତି ଏବଂ ତନ୍ତ୍ର ପ୍ରସଙ୍ଗରେ । ଏହି ସଂସ୍କୃତିକୁ ଏକ ସଂସ୍ଥାଗତ ଫ୍ରେମୱାର୍କ ମାଧ୍ୟମରେ ମଜବୁତ କରାଯିବା ଅତ୍ୟନ୍ତ ଆବଶ୍ୟକ ।

ଦାୟିତ୍ୱ- ସ୍ୱଷ୍ଟତା ସହିତ ଉତ୍ତର ଦାୟିତ୍ୱ ସୁନିଶ୍ଚିତ କରିବା

ନାଭିକୀୟ କ୍ଷତି ସକାଶେ ବେସାମରିକ ଦାୟିତ୍ୱ ଅଧିନିୟମ (ସିଏଲଏନଡି ଅଧିନିୟମ) ଏକ ଅଗ୍ରଣୀ ପଦକ୍ଷେପ ଭାବେ ବିବେଚିତ ହୋଇ ଆସିଛି । ଏଥିରେ ୩ଟି ମହତ୍ୱପୂର୍ଣ୍ଣ ହିତକୁ ସନ୍ତୁଳିତ ଭାବରେ ରଖାଯାଇଛି । ସେଗୁଡ଼ିକ ହେଲା- ଜନସାଧାରଣଙ୍କ ସୁରକ୍ଷା, ଆପୂର୍ତ୍ତିକର୍ତ୍ତାମାନଙ୍କୁ ଆଶ୍ୱାସନା ପ୍ରଦାନ ଏବଂ ଅପରେଟରମାନଙ୍କ ବିଶ୍ୱାସ । ଏହାକୁ ତ୍ରୁଟିହିନ ଦାୟିତ୍ୱ ସିଦ୍ଧାନ୍ତକୁ ପ୍ରତିପାଦିତ କରାଯାଇଛି ଏବଂ ଏକଥା ମଧ୍ୟ ସୁନିଶ୍ଚିତ କରାଯାଇଛି ଯେ ଅପରେଟରମାନଙ୍କ ଦାୟିତ୍ୱ ସ୍ପଷ୍ଟ ଏବଂ ନିର୍ଦ୍ଦେଶିତ ହେବା ଆବଶ୍ୟକ ।

ଶକ୍ତି ଦୃଶ୍ୟପଟ୍ଟ ଏବଂ ଔଦ୍ୟୋଗିକ ପରିବେଶ ବ୍ୟବସ୍ଥାର ବିକାଶ ସମ୍ବନ୍ଧୀୟ ସଂସ୍ଥାମାନେ ଦୈନନ୍ଦିନ ଭାବେ ଏହି ସ୍ୱଷ୍ଟତାକୁ ଅତ୍ୟାବଶ୍ୟକ ବୋଲି ସିଦ୍ଧ କରିଛନ୍ତି । ଏହିଭଳି ଭାବେ ସଂଶୋଧନ କୌଣସି ବି ପରିପକ୍ୱ କ୍ଷେତ୍ରର ସ୍ୱାଭାବିକତା ଏବଂ ପ୍ରଗତିର ଗୁରୁତ୍ୱପୂର୍ଣ୍ଣ ଅଙ୍ଗହୋଇ ରହିଆସିଛି । ଏହା ସୁନିଶ୍ଚିତ କରେ ଯେ, ପ୍ରଶାସନିକ ଢାଞ୍ଚା ବୈଜ୍ଞାନିକ ପ୍ରଗତି ଏବଂ ସାମାଜିକ ଆକାଂକ୍ଷା ସହିତ ସମନ୍ୱିତ ହୋଇ ରହିବା ଆବଶ୍ୟକ ।

ନୂତନ ଅଧିନିୟମଗୁଡ଼ିକ ଏହା ସୁନିଶ୍ଚିତ କରିବା ଉଚିତ ଯେ, ଶାସନର ଢାଞ୍ଚା ନିରପେକ୍ଷ ସ୍ୱଷ୍ଟ ହେବା ଉଚିତ୍ ଏବଂ ଏହାସହିତ ଏସବୁକୁ ନେଇ ଲୋକମାନଙ୍କ ମନରେ କୌଣସି ପ୍ରକାର ସଂଶୟ ରହୁନଥିବ । ଏଥିସହିତ ଏହାକୁ ଉତ୍ତରଦାୟିତ୍ୱଧର୍ମୀ ମଧ୍ୟ କରାଯିବା ଉଚିତ । ଫଳରେ ଏହାଏକ ସୁପରିଭାଷିତ ଶୃଙ୍ଖଳା ଭାବରେ ଉଭା ହେବ । ଏହାଦ୍ୱାରା ଏକଥା ସୁନିଶ୍ଚିତ ହୋଇପାରିବ ଯେ, ଦାୟିତ୍ୱର ମୂଲ୍ୟାଙ୍କନ କରିବା ସହିତ ସୁରକ୍ଷିତ ବ୍ୟବସ୍ଥା ଦେଶରେ ପରମାଣୁ କାର୍ଯ୍ୟକ୍ରମର ସୀମା ଏବଂ ବ୍ୟବସ୍ଥାକୁ ସୁରକ୍ଷିତ କରିଛି । ଏକ ଆଧୁନିକ ଦାୟିତ୍ୱ ବ୍ୟବସ୍ଥା ମଧ୍ୟ ଏହିକଥାକୁ ସ୍ପଷ୍ଟ କରିବା ଉଚିତ ଯେ, ସୁରକ୍ଷା ଏବଂ ଦାୟିତ୍ୱବୋଧର ବିକାଶ ସମାନ ଭାବେ ସଞ୍ଚାଳିତ ହେବା ବାଞ୍ଛନୀୟ ।

ଜନ ବିଶ୍ୱାସ- ପ୍ରଗତିର ଆଧାରଶୀଳା

ବିଶ୍ୱବ୍ୟାପୀ ପରମାଣୁ ଉଦ୍ୟୋଗର ଉତ୍କୃଷ୍ଟ ସୁରକ୍ଷା ରେକର୍ଡ ସତ୍ତ୍ୱେ ପରମାଣୁ ଶକ୍ତି ପ୍ରତି ଜନସାଧାରଣଙ୍କ ଦୃଷ୍ଟିକୋଣ ଅଧିକତର ବୈଜ୍ଞାନିକ ତଥ୍ୟ ତୁଳନାରେ ବଦ୍ଧ ମୂଳଧାରଣା ଦ୍ୱାରା ଅଧିକତର ପ୍ରଭାବିତ ହୋଇଥାଏ । କିଛିବର୍ଷ ପୂର୍ବେ ଯେଉଁ ପୁସ୍ତକକୁ ରଚନା କରାଯାଇଥିଲା- 'ଦି ଅନ୍ ରିଜିନଡ୍ ଫିୟର ଅଫ୍ ରେଡିଏସନ'- ତାହା ଏହିଭଳି ଭ୍ରାନ୍ତ ଧାରଣାକୁ ଦୂର କରିବାରେ ଏକ ପ୍ରୟାସ ଥିଲା । ଏହି ପୁସ୍ତକରେ ଦର୍ଶାଯାଇଥିଲା ଯେ, ନିୟନ୍ତ୍ରିତ ଏବଂ ସୁବ୍ୟବସ୍ଥିତ ବାତାବରଣରେ ବିକିରଣ କୌଣସି ଅନ୍ୟ ପ୍ରଯୁକ୍ତି ଭଳି ସୁରକ୍ଷିତ ରହିପାରିଥାଏ । ଏହାର ଉପଯୋଗ ଆମେ ନିଜ ଦୈନନ୍ଦିନ ଜୀବନରେ ନିୟମିତ ଭାବେ ଆତ୍ମବିଶ୍ୱାସର ସହିତ କରିପାରିବା ।

ଜନସାଧାରଣଙ୍କର ବିଶ୍ୱାସ କେବଳ ପାରଦର୍ଶିତା ଏବଂ ଜନସାଧାରଣଙ୍କ ସହିତ ଆଲୋଚନା ମାଧ୍ୟମରେ ହିଁ କରାଯାଇପାରିବ । ଉଦାହରଣ ସ୍ୱରୂପ, ଯେତେବେଳେ ଜନସାଧାରଣ ଲକ୍ଷ୍ୟକରି ପାରିବେ ଯେ ପରମାଣୁ ବିଜ୍ଞାନ, ରେଡିଓ ଥେରାପି ମାଧ୍ୟମରେ ଜୀବନ ବଞ୍ଚାଇବାକୁ ମଧ୍ୟ ସକ୍ଷମ ଅଟେ । ସେହିଭଳି ଉତ୍ପରିବର୍ତ୍ତନ ପ୍ରଜନନ ମାଧ୍ୟମରେ ଏହାମଧ୍ୟ ବିଭିନ୍ନ ପ୍ରକାର ଫସଲ ଅଭିବୃଦ୍ଧିରେ ସହାୟକ ହୋଇପାରୁଛି । ଅପରପକ୍ଷରେ ବିକିରଣ ଶୁଦ୍ଧିକରଣ ମାଧ୍ୟମରେ ସୁରକ୍ଷିତ ଜଳ ମଧ୍ୟ ଲୋକମାନଙ୍କୁ ଉପଲବ୍ଧ କରାଯାଇପାରୁଛି । ଏକଥା ଜାଣିବା ପରେ ପରମାଣୁ ଶକ୍ତି ସଂପର୍କରେ ମାନବ କଲ୍ୟାଣଧର୍ମୀ ଭାବନା ସେମାନଙ୍କ ମଧ୍ୟରେ ଉତ୍ପନ୍ନ ହେବ ଏବଂ ସେମାନେ ଏହା ଉପରେ ଅଧିକ ଆସ୍ଥା ସ୍ଥାପନ କରିପାରିବେ । ପରମାଣୁ ଶକ୍ତି ବିଭାଗ ନିଜର କାର୍ଯ୍ୟ ମାଧ୍ୟମରେ ଏହିଭଳି ଆଉଟରିଚ ନୀତିଗୁଡ଼ିକର ଶୁଭାରମ୍ଭ କରି ଲୋକମାନଙ୍କ ମନରେ ଥିବା ଅନ୍ଧବିଶ୍ୱାସକୁ ତୁଟାଇପାରିବେ ଏବଂ ଏହା କରାଯିବା ଉଚିତ୍ । ଏଭଳି କାର୍ଯ୍ୟକ୍ରମ ଆପଣେଇଥିବାରୁ ପରିଣାମ ସ୍ୱରୂପ ୨୦୧୫ ମସିହ ଗଣତନ୍ତ୍ର ଦିବସ ପରେଡ ସମୟରେ ପରମାଣୁ ଶକ୍ତିବିଭାଗର ପ୍ରଜ୍ଞାପନ ମେଢକୁ ପ୍ରଦର୍ଶନ କରାଯାଇଥିଲା ଏବଂ ଏହାର ପ୍ରସାରଣକୁ ସୋସିଆଲ ମିଡିଆରେ ମଧ୍ୟ ପକାଯାଇଥିଲା । ଏଭଳି ପଦକ୍ଷେପ କେବଳ ଥିଲା ଲୋକମାନଙ୍କୁ ଏହାର ନିରାପତ୍ତା ସଂପର୍କରେ ପରିଚିତ କରାଇବା । ଏହାର ଅନ୍ୟତମ ଉଦ୍ଦେଶ୍ୟ ମଧ୍ୟ ଥିଲା ବିଜ୍ଞାନ ଏବଂ ମାନବସମାଜ ମଧ୍ୟରେ ଥିବା ଅଦୃଶ୍ୟ ପ୍ରାଚୀରକୁ ହଟାଇବା ।

ଯଦି ନୂତନ ଅଧିନିୟମ ନାଗରିକମାନଙ୍କ ସହିତ ଖୋଲାଖୋଲି ଭାବେ ଆଲୋଚନା କରି ଏହାକୁ ଆଗକୁ ବଢ଼ାଇବାରେ ସହାୟକ ହୋଇପାରିବ, ତେବେ ଏହା ନିଜର ଲକ୍ଷ୍ୟ ହାସଲ କରିପାରିବ । ଏହା ମାଧ୍ୟମରେ ସମାଜ ସହିତ ବିଜ୍ଞାନର ସାମାଜିକ ସମ୍ବନ୍ଧକୁ ପୁନର୍ଭାଷିତ କରାଯାଇପାରିବ । ଏଭଳି କରାଯିବା ଦ୍ୱାରା ଏହା ଆମର ଚିରସ୍ଥାୟୀ ଆଦର୍ଶବାକ୍ୟ- ରାଷ୍ଟ୍ରର ସେବାରେ ପରମାଣୁ- ଭାବନାକୁ ସାକାର କରିପାରିବ ।

ନୂତନ ଅଧିନିୟମରୁ ଏହା ସୁନିଶ୍ଚିତ କରାଯିବା ଉଚିତ ଯେ, ଏଭଳି ପ୍ରକାର ସନ୍ଦେଶ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଅନିର୍ବାଯ୍ୟ କରାଯିବା ଉଚିତ । ସେହିଭଳି ଶୈକ୍ଷିକ ଜାଗରୁକତାକୁ ମଧ୍ୟ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ନାଗରିକମାନଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନାକୁ ମଧ୍ୟ ଏକ ସଂସ୍ଥାଗତ କାର୍ଯ୍ୟପ୍ରଣାଳୀର ଅଭିନ୍ନ ଅଙ୍ଗରେ ରୂପାନ୍ତରିତ କରାଯିବା ଉଚିତ ।

ନୂତନ ଅଧିନିୟମରେ କ'ଣ ଗ୍ୟାରେଣ୍ଟି ଦିଆଯିବା ଉଚିତ୍

ଯଦି ୧୯୬୨ ମସିହାର ପ୍ରଥମ ପରମାଣୁ ଶକ୍ତି ଅଧିନିୟମର କ୍ଷମତା ନିର୍ମାଣକୁ ମୂଳ ପ୍ରସଙ୍ଗ ଭାବେ ଧରି ଆମେ ଧ୍ୟାନକେନ୍ଦ୍ରିତ କରିବା, ତେବେ ନୂତନ ଅଧିନିୟମର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରି ପରମାଣୁ ପ୍ରଯୁକ୍ତିକୁ ବ୍ୟାପକ ମାତ୍ରାରେ ଉପଯୋଗ କରିବା । ଏହାଫଳରେ ରାଷ୍ଟ୍ରର ପରିପକ୍ୱତା ମଧ୍ୟ ପ୍ରତିବିମ୍ବିତ ହେବ । ଏହା ମାଧ୍ୟମରେ ଜଟିଳ ପ୍ରଯୁକ୍ତିକୁ ଆମେ ନିଜର ସୁବିଧା ହାସଲ ପାଇଁ ଉପଯୋଗ କରିପାରିବା ଏବଂ ଏଥିରେ ଦାୟିତ୍ୱବୋଧର ସହ ଆଚରଣକୁ ଆପଣାଇ ବୈଶ୍ୱିକ ସମ୍ମାନ ଅର୍ଜନ କରିପାରିବା । ନୂତନ ଅଧିନିୟମକୁ ବିଜ୍ଞାନ ଏବଂ ସମାଜ ଭିତରେ ପାରସ୍ପରିକ ଆଶ୍ୱାସନାର ଏହି ଗ୍ୟାରେଣ୍ଟି ଦିଆଯିବା ଆବଶ୍ୟକ:

-ସୁରକ୍ଷା ପ୍ରତି ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉଚିତ୍ ।

-ଦାୟିତ୍ୱ (ଦୈନନ୍ଦିନ) ସଦାବେଳେ ନ୍ୟାୟସଂଗତ ଏବଂ ପାରଦର୍ଶୀ ରହିବା ଆବଶ୍ୟକ ଏବଂ

-ଜନସାଧାରଣଙ୍କ ବିଶ୍ୱାସ ସର୍ବଦା ସବୁ ପ୍ରକାର ସିଦ୍ଧାନ୍ତର କେନ୍ଦ୍ରରେ ରହିବା ଆବଶ୍ୟକ ।

ଯେତେବେଳେ ଏହିଭଳି ଗ୍ୟାରେଣ୍ଟି କେବଳ ଆଇନରେ ନୁହେଁ, ବରଂ ସଂସ୍ଥାଗତ ଆଚରଣରେ ମଧ୍ୟ ପ୍ରତିଫଳିତ ହେବ ସେତେବେଳେ ଭାରତର ପରମାଣୁ ଭବିଷ୍ୟତ ଅଧିକ ସୁଦୃଢ ଆଧାର ଉପରେ ଦଣ୍ଡାୟମାନ ହୋଇପାରିବ ।

**ବିକଶିତ ଭାରତ ଦିଗରେ ଆଗୁଆ ପଦକ୍ଷେପ**

ଏହା ଭାରତର ପରମାଣୁ କାର୍ଯ୍ୟକ୍ରମ ପାଇଁ ଏକ ପରିବର୍ତ୍ତନକାରୀ ସମୟ । ବଡ଼ବଡ଼ ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପ ବ୍ୟତୀତ ଛୋଟ ଛୋଟ ମଡ୍ୟୁଲାର ରିଆକ୍ଟର ଏବଂ ପ୍ରଗତ ଥୋରିୟମ ପ୍ରଣାଳୀ ପରମାଣୁ ଶକ୍ତିର ପହଞ୍ଚକୁ ବିସ୍ତାରିତ କରିବ । ଏଥିନିମନ୍ତେ ଏକ ଅଧିନିୟମକୁ ଏଭଳି ଫ୍ରେମୱାର୍କ ପ୍ରଦାନ କରାଯିବା ଉଚିତ, ଯାହା ପ୍ରାଦ୍ୟୋଗିକୀକୁ ଦ୍ରୁତ ମାତ୍ରାରେ ଉପଯୋଗର ସମ୍ଭାବନା ସୃଷ୍ଟି କରିବ । ଏହାସହିତ ସ୍ୱଦେଶୀ ଅନୁସନ୍ଧାନ ଏବଂ ବିକାଶ ତଥା ବିନିର୍ମାଣକୁ ମଧ୍ୟ ପ୍ରୋତ୍ସାହନ ଯୋଗାଯିବା ଉଚିତ୍ । ଏଥିରେ ନିୟାମକ, ପ୍ରଚାଳକ ଏବଂ ଉଦ୍ୟୋଗ ମଧ୍ୟରେ ଅବାଧ ସମନ୍ୱୟ ତଥା ଭବିଷ୍ୟତର ନବାଚାରକୁ ସାମିଲ କରିବା ସକାଶେ ସହଜପଣ ସୁନିଶ୍ଚିତ କରାଯିବା ଉଚିତ୍ ।

ଶେଷରେ ସଂକ୍ଷେପରେ କୁହାଯାଇପାରେ ଯେ, ନୂତନ ଅଧିନିୟମକୁ ପରମାଣୁ ପୁନର୍ଜାଗରଣ ନିମନ୍ତେ ଏକ ଅନୁକୂଳ ପୃଷ୍ଠଭୂମି ପ୍ରସ୍ତୁତ କରିବା ଉଚିତ୍ । ଏହା ଭାରତରେ ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟ ଏବଂ ବିକଶିତ ଭାରତ ୨୦୪୭ ଗଠନର ମାର୍ଗରେ ସ୍ୱଚ୍ଛଶକ୍ତିର କ୍ଷେତ୍ରରେ ଭାରତକୁ ବିଶ୍ୱର ଅଗ୍ରଣୀ ଦେଶରେ ପରିବର୍ତ୍ତନ କରିବାର ଆକାଂକ୍ଷା ଅନୁରୂପ ହୋଇପାରିବ ।


**ପୂର୍ବତନ ସଚିବ, ପରମାଣୁ ଶକ୍ତି ବିଭାଗ ଏବଂ ପୂର୍ବତନ ଅଧ୍ୟକ୍ଷ, ପରମାଣୁ ଶକ୍ତି ଆୟୋଗ**

## OUAT Recruitment 2025

**TOTAL VACANCIES**
**57**
**LAST DATE**
**20/12/2025**

The Odisha University of Agriculture & Technology (OUAT) has released the official notification for OUAT Recruitment 2025. The recruitment drive invites applications for Assistant Professor and equivalent posts across Agriculture, Veterinary, Agricultural Engineering and Community Science disciplines. This is a great opportunity for candidates seeking OUAT Faculty Recruitment 2025 and looking to build an academic career in Odisha's premier agricultural university.

Vacancy Details
The OUAT Recruitment 2025 includes vacancies across major faculties. Below is the complete post-wise vacancy table.

Discipline No. of Posts Remuneration
Agricultural Science 43 ? 57,700 PM + DA & Other Allowances
Agricultural Engineering & Tech 02 57,700 PM + DA & Other Allowances
Community Science 12 ? 57,700 PM + DA & Other Allowances

Educational Qualification
As per the OUAT Recruitment 2025 guidelines, applicants must meet the following educational and eligibility criteria for Assistant Professor posts.
Minimum 2nd Class Bachelor's Degree in the concerned subject.
Master's Degree with at least 55% marks in the relevant discipline.
NET qualification is mandatory (as per UGC guidelines).
NET is not required if the candidate holds a Ph.D. degree (as per UGC Regulation 2009/2016).
For Engineering disciplines: B.Tech & M.Tech in relevant specialization with at least 55% marks.
Candidates with Ph.D. (relevant field) will be given preference.
Candidates are advised to refer to the official OUAT notification for complete discipline-wise educational criteria.

Age Limit
The OUAT Recruitment 2025 specifies the following age criteria for applicants.
Upper Age Limit: 42 years
Relaxation applicable to reserved categories as per Odisha Govt. norms
No upper age limit for in-service OUAT employees

Application Fee
Candidates applying under the OUAT Recruitment 2025 must pay the following non-refundable fee.
Application Fee: ?750/-

Mode of Payment:
Direct deposit in State Bank of India through Green Channel Counter (GCC)

How to Apply
Interested candidates for OUAT Recruitment 2025 must submit their application in offline mode.
Download the application form from OUAT's official website: www.ouat.nic.in
Fill in all required details and attach self-attested copies of certificates.
Attach the fee deposit receipt (original counterfoil).
Send the completed application to the Registrar, OUAT, Bhubaneswar-751003, Odisha before the last date.
Write the post name and advertisement number clearly on the envelope.

Important Dates
Applicants must keep note of the following important dates related to OUAT Recruitment 2025.
Notification Date: 19/11/2025
Last Date for Receipt of Application: 20/12/2025

**ଜଗତୀକରଣ ଓ ଆଉଟସୋର୍ସିଂର କ୍ରମବର୍ଦ୍ଧିଷ୍ଣୁ ଟ୍ରେଣ୍ଡ ପାଇଁ ବିଦେଶୀ ଭାଷା ଶିଖିବା ଏକ ଆବଶ୍ୟକତା ପାଲଟିଯାଇଛି । ବିଦେଶୀ ଭାଷା ଭାବେ ଫ୍ରେଞ୍ଚ, ଜର୍ମାନୀ, ସ୍ପାନିଶ, ଜାପାନିଜ, ଚାଇନିଜ, କୋରିଆନ ଭାଷା ଶିଖିବାକୁ ଚାହୁଁଥିଲେ, ଏଥିରେ ଭଲ କ୍ୟାରିୟର ଗଢ଼ିବାର ସୁଯୋଗ ରହିଛି ।**

# ଦୁନିଆକୁ ହାତମୁଠାରେ ରଖିବା ପାଇଁ
# ବିଦେଶୀ ଭାଷାରେ ଦଖଲ

ଜଗତୀକରଣ ଓ ଆଉଟସୋର୍ସିଂର କ୍ରମବର୍ଦ୍ଧିଷ୍ଣୁ ଟ୍ରେଣ୍ଡ ପାଇଁ ବିଦେଶୀ ଭାଷା ଶିଖିବା ଏକ ଆବଶ୍ୟକତା ପାଲଟିଯାଇଛି । ପୂର୍ବରୁ ଟୁର ଆଣ୍ଡ ଟ୍ରାଭେଲ୍ସ କଂପାନୀ ଗୁଡ଼ିକରେ ଲାଙ୍ଗୁଏଜ ପ୍ରଫେସନାଲମାନଙ୍କ ଦରକାର ପଡୁଥିଲା । କିନ୍ତୁ ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ବହୁରାଷ୍ଟ୍ରୀୟ କଂପାନୀମାନେ ଦୌଡ଼ରେ ଆଗରେ ରହିବାକୁ ସେହି ଲାଙ୍ଗୁଏଜ ପ୍ରଫେସଲମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେମାନଙ୍କ ଜରିଆରେ ବିଶ୍ୱ ବାଣିଜ୍ୟରେ ନିଜର କ୍ଲାଏଣ୍ଟମାନଙ୍କ ସହ ଉତ୍ତମ ଯୋଗାଯୋଗ ରଖିବା, ନିଜର ଆଇଡିଆ ବିନିମୟ ଓ ବିକ୍ରି କରିବା ଏବଂ ବିଶ୍ୱ ସଂସ୍କୃତି ସଂପର୍କରେ ସଚେତନ ରହିବା ପରି ଲାଭ ମିଳିପାରୁଛି ବହୁରାଷ୍ଟ୍ରୀୟ କଂପାନୀଗୁଡ଼ିକୁ । ତେଣୁ କଂପାନୀ ବିଦେଶୀ ପ୍ରୋଜେକ୍ଟ ପାଇଁ ଏହିଭଳି ପ୍ରଫେସନାଲମାନଙ୍କୁ ନିଯୁକ୍ତି ଦେବାରେ ଆଗଭର । ଏଥିପାଇଁ କଂପାନୀମାନେ ବେଶ ଭଲ ପାରିଶ୍ରମିକ ଦେବା ସହ ଅନ୍ୟାନ୍ୟ ସୁବିଧା ମଧ୍ୟ ଉପଲବ୍ଧ କରାଇଥାନ୍ତି, ଯାହା ଯେକୌଣସି ପ୍ରାର୍ଥୀଙ୍କୁ ଏହି ଚାକିରି ପ୍ରତି ଆକର୍ଷିତ କରିପାରେ ।

ବହୁରାଷ୍ଟ୍ରୀୟ କଂପାନୀ ବ୍ୟତୀତ ଆଇଟି, ପବ୍ଲିସିଂ, ଆଡଭର୍ଟାଇଜିଂ, ଏଣ୍ଟରଟେନମେଣ୍ଟ, ମାସ କମ୍ୟୁନିକେସନ, ହସପିଟାଲିଟି, ଟ୍ୟୁରିଜିମ, ଶିକ୍ଷା ଏବଂ ତାଲିମ, ସୂଚନା ଓ ଲୋକ ସଂପର୍କ ସେକ୍ଟରରେ ଲାଙ୍ଗୁଏଜ ପ୍ରଫେସନାଲଙ୍କ ଚାହିଦା ବେଶ ଅଧିକ । ବିଦେଶୀ ଭାଷା ଭାବେ ଫ୍ରେଞ୍ଚ, ଜର୍ମାନୀ, ସ୍ପାନିଶ, ଜାପାନିଜ, ଚାଇନିଜ, କୋରିଆନ ଭାଷା ଶିଖିବାକୁ ଚାହୁଁଥିଲେ, ଏଥିରେ ଭଲ କ୍ୟାରିୟର ଗଢ଼ିବାର ସୁଯୋଗ ରହିଛି ।

### କୋର୍ସ କରିବାକୁ ଚାହୁଁଥିଲେ ଦୃଷ୍ଟି ଦିଅନ୍ତୁ

◆ ଦେଶର ଅନେକ ବିଶ୍ୱବିଦ୍ୟାଳୟ ଫରେନ ଲାଙ୍ଗୁଏଜ କୋର୍ସ ଉପଲବ୍ଧ କରାଉଛନ୍ତି । ଯୁକ୍ତ ଦୁଇ ପରେ ଆପଣ ୩ ବର୍ଷର ସ୍ନାତକ ଶିକ୍ଷା କରିପାରିବେ । ସ୍ନାତକ କିମ୍ବା ସ୍ନାତକୋତ୍ତର ପରେ ଡିପ୍ଲୋମା କିମ୍ବା ସାର୍ଟିଫିକେଟ କୋର୍ସ କରାଯାଇପାରେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ଜରିଆରେ ବିଏ-ଲାଙ୍ଗୁଏଜ କୋର୍ସରେ ଦାଖଲ ହୋଇପାରିବେ ।

◆ ପୂର୍ବରୁ ସଉକ ପାଇଁ ବିଦେଶୀ ଭାଷା ଶିଖୁଥିଲେ ଲୋକେ । ଏବେ କିନ୍ତୁ ବଜାରରେ ନିଜ ସ୍ଥିତି ସୁଦୃଢ଼ କରିବା ପାଇଁ ବିଦେଶୀ ଭାଷାକୁ କରାୟତ୍ତ କରିବା ପାଇଁ ସମସ୍ତେ ଆଗ୍ରହୀ । ତେଣୁ ଭାଷାର ଚାହିଦା ଅନୁଯାୟୀ ଆପଣ ନିଜ ପସନ୍ଦର ଲାଙ୍ଗୁଏଜ କୋର୍ସ କରିପାରିବେ ।

◆ ବିଦେଶୀ ଭାଷାରେ କ୍ୟାରିୟର କରିବାକୁ ଇଚ୍ଛୁକ ଥିବା ପ୍ରାର୍ଥୀ ସକାରାତ୍ମକ ଚିନ୍ତା ଓ ଧୈର୍ଯ୍ୟ ରଖିବା ଜରୁରୀ । ଏଥିପାଇଁ ନିଜ ଭିତରେ ଯୋଗାଯୋଗ ଦକ୍ଷତା ଓ ଅନ୍ୟ ପ୍ରତି ଇଣ୍ଟରାକ୍ଟିଭ ରହିବା ଜରୁରୀ ।




**ଶିକ୍ଷକତା**
ଫରେନ ଲାଙ୍ଗୁଏଜରେ କ୍ୟାରିୟର କରିବାର ଇଚ୍ଛା ଅଛି ତ ଶିକ୍ଷକତା ସବୁଠୁ ଭଲ କ୍ଷେତ୍ର । ଏଥିରୁ ଆପଣ ସେହି ଭାଷାରେ ନିୟମିତ ଅଭିଜ୍ଞତା ହାସଲ କରିବା ସହ ଏହାକୁ ଆପଣ ପାର୍ଟଟାଇମ କିମ୍ବା ଫୁଲ ଟାଇମ ନିଯୁକ୍ତି ଭାବେ ଗ୍ରହଣ କରିପାରିବେ ।

**ଇଣ୍ଟରପ୍ରିଟର**
ଆଜିକାଲିର ଟେଲି କନଫରେନ୍ସ ଏବଂ ଭିଡ଼ିଓ କନଫରେନ୍ସର ଯୁଗରେ ବିଭିନ୍ନ ବ୍ୟକ୍ତି ଅନେକ ଜାଗାରେ ଥାଇ ମଧ୍ୟ ଏକ ସମୟରେ ମିଟିଂ କରିପାରୁଛନ୍ତି । ଏଥିରେ ଇଣ୍ଟରପ୍ରିଟରମାନେ ଦ୍ୱିଭାଷୀ ଭାବେ କାମ କରନ୍ତି । ଇଣ୍ଟରପ୍ରିଟର ହେବା ପାଇଁ ଆପଣଙ୍କୁ ୨ରୁ ଅଧିକ ଭାଷାରେ ଦକ୍ଷ ହେବା ଜରୁରୀ ।

**ଟ୍ରାନ୍ସଲେଟର**
ବହୁରାଷ୍ଟ୍ରୀୟ କଂପାନୀ ନିଜ ବିଜିନେସ ପାଟନର୍ସ କିମ୍ବା କ୍ଲାଏଣ୍ଟଙ୍କ ସହ ଯୋଗାଯୋଗ କରିବା ପାଇଁ ଟ୍ରାନ୍ସଲେଟର ଆବଶ୍ରକ କରନ୍ତି । ଏହା ବ୍ୟତୀତ ପୁସ୍ତକ, ଲେଖା କିମ୍ବା ଫିଲ୍ମି ସ୍କ୍ରିପ୍ଟର ଅନୁବାଦ ପାଇଁ ବିଭିନ୍ନ ସଂସ୍ଥା ଟ୍ରାନ୍ସଲେଟର ନିଯୁକ୍ତ କରନ୍ତି ।

**ବିପିଓ**
ଭାରତରେ ବିପିଓ ଇଣ୍ଡଷ୍ଟ୍ରୀର ସଫଳତା ପଛର କାରଣ ହେଉଛି ବିଦେଶୀ ଭାଷାର ଦକ୍ଷ ପ୍ରଫେସନାଲ । ଏମାନେ ଡାଟା ପ୍ରୋସେସିଙ୍ଗଠାରୁ ଆରମ୍ଭ କରି ଅନ୍ୟ କାର୍ଯ୍ୟରେ ମଧ୍ୟ ନିଜ ଦକ୍ଷତା ଦେଖାଇଥାନ୍ତି ।

**ବିଦେଶ ସେବା**
ଫ୍ରେଞ୍ଚ, ଜର୍ମାନ କିମ୍ବା ରସିଆନ ଭାଷାରେ ସ୍ନାତକୋତ୍ତର କରିଥିବା ପ୍ରାର୍ଥୀ ଲୋକସେବା ଆୟୋଗ ପରୀକ୍ଷାରେ ସାମିଲ ହୋଇ ଆଇଏଏସ୍ କିମ୍ବା ଆଇଏଫ୍ଏସ୍ ହୋଇପାରିବେ ।

## Indian Air Force AFCAT Recruitment 2026

**TOTAL VACANCIES**
**340**
**LAST DATE**
**14/12/2025**

The Indian Air Force AFCAT Recruitment 2026 notification has been released for Flying Branch, Ground Duty (Technical & Non-Technical) branches, and NCC Special Entry. Eligible male and female candidates can apply online from 17 November to 14 December 2025 through the official AFCAT portal. This recruitment offers a prestigious opportunity to serve the nation as a Group 'A' Gazetted Officer. Here's a complete overview of vacancies, eligibility, exam pattern, and important dates from the AFCAT 01/2026 notification.

Vacancy Details
The Indian Air Force AFCAT Recruitment 2026 notification announces vacancies across Flying, Ground Duty (Technical & Non-Technical) branches, and NCC Special Entry. These branch-wise vacancies help candidates understand the available opportunities based on their qualifications.

Entry Branch No. of Posts
AFCAT Entry Flying 38
AFCAT Entry Ground Duty (Technical) 188
AFCAT Entry Ground Duty (Non-Technical) 114
NCC Special Entry Flying 10% of Seats

Educational Qualification
The Indian Air Force AFCAT Recruitment 2026 notification specifies detailed educational requirements for each branch to ensure candidates meet the necessary academic standards. Applicants must review the branch-wise qualifications carefully before applying.
Candidates should have passed with a minimum of 50% marks each in Maths and Physics at the 10+2 level and
Graduation (any discipline) or B.E. / B.Tech. Degree or
Candidates who have cleared Section A & B examination of Associate Membership of the Institution of Engineers (India) or the Aeronautical Society of India in relevant Engineering disciplines
Degree or PG Degree (Relevant Subjects)
Candidates are advised to refer to the official notification for detailed qualification criteria.

Age Limit
The Indian Air Force AFCAT Recruitment 2026 outlines specific age criteria for Flying and Ground Duty branches to ensure candidates fall within the prescribed age range. Aspirants must verify their age requirements based on the branch they wish to apply for.

? For Flying Branch:
Minimum Age of the Candidates: 20 Years
Maximum Age of the Candidates: 24 Years
Candidates should born between 02/01/2003 to 01/01/2007 (both dates inclusive)
? For Ground Duty (Technical & Non-Technical) Branch:
Minimum Age of the Candidates: 20 Years
Maximum Age of the Candidates: 26 Years
Candidates should born between 02/01/2003 to 01/01/2007 (both dates inclusive)

Application Fee
The Indian Air Force AFCAT Recruitment 2026 notification includes a defined examination fee structure for AFCAT entry. Candidates must ensure they pay the required fee online to successfully complete the application process.
For AFCAT Entry: Rs. 550/- + GST
For NCC Special Entry: NIL
Mode of Payment: Online Gateway

How to Apply
The Indian Air Force AFCAT Recruitment 2026 notification provides a step-by-step online application process through the official AFCAT portal. Candidates must follow the instructions carefully to ensure accurate and successful submission.
Click the Apply link given below; or
Visit the official AFCAT application portal at https://afcat.edcil.co.in and complete the registration by entering your basic details.
Verify your mobile number and email through OTP, then log in using the generated User ID and Password.
Fill in the required information such as personal details, educational qualifications, course preferences, and communication details.
Upload scanned copies of your photograph, signature, and thumb impression in the prescribed size and format.
Pay the AFCAT examination fee of ?550 + GST online through Net Banking, UPI, Debit Card, or Credit Card (fee not applicable for NCC Special Entry).
Submit the form and download the final submitted application form for future reference, as no edits are allowed after submission.

Important Dates
The Indian Air Force AFCAT Recruitment 2026 notification highlights key dates for registration, exam schedule, and admit card availability. Applicants should keep these deadlines in mind to avoid missing any crucial stages.
Start of Online Application: 17/11/2025
Last Date to Apply Online: 14/12/2025
AFCAT 01/2026 Exam Date: 31/01/2026
Admit Card Release: From 22/01/2026

## IB MTS Recruitment 2025

**TOTAL VACANCIES**
**362**
**LAST DATE**
**14/12/2025**

The Intelligence Bureau (IB), under the Ministry of Home Affairs, has invited online applications for its IB MTS Recruitment 2025. This drive includes 362 Multi-Tasking Staff (General) across Subsidiary Intelligence Bureaux (SIBs). Aspirants searching for IB Recruitment 2025 or MTS (General) Jobs 2025 should review eligibility and apply online through the MHA / NCS portals.

Vacancy Details
The IB MTS Recruitment 2025 is for the post of Multi-Tasking Staff (General) distributed across multiple Subsidiary Intelligence Bureaux (SIBs) nationwide.

Post Name No. of Posts Pay Scale
Multi-Tasking Staff (General) [MTS (G)] 362 ? 18,000 – ? 56,900 PM + Allowances

Educational Qualification
Candidates applying for IB MTS Recruitment 2025 must meet the essential academic criteria for the MTS (General) post.

Matriculation (10th class) or equivalent from a recognized Board. The final result must be declared on or before the closing date.
Candidates are advised to refer to the official notification for detailed post-wise educational qualification and document requirements.

Age Limit
The IB MTS Recruitment 2025 specifies the age criteria to ensure candidates meet the minimum service requirements.

Minimum Age Limit: 18 years
Maximum Age Limit: 25 years
Age relaxations are applicable as per the Government of India rules.

Application Fee
As per the IB MTS Recruitment 2025 notification, fee payment comprises Examination Fee (where applicable) and Recruitment Processing Charges (payable by all candidates).

UR / OBC / EWS: ? 650 (?100 Exam Fee + ?550 Processing Charges)
SC / ST / PwBD / Female: ? 550 (Processing Charges only)
Payment Mode: Both Online and Offline Mode

How to Apply
Applicants for IB MTS Recruitment 2025 must apply online only through the Ministry of Home Affairs (MHA) website or the National Career Service (NCS) portal.

Click on the Apply link given below; or
Visit www.mha.gov.in or www.ncs.gov.in and navigate to the recruitment section.
Complete Step-I (registration) and note the Application Sequence Number (ASN) sent by email/SMS.
Re-login to complete Step-II: fill personal details, upload scanned photograph & signature, and upload required certificates (Matriculation, domicile, category certificate, etc.).
Pay the Recruitment Processing Charges (?550/-) and Examination Fee (if applicable) online via SBI EPAY LITE / Debit / Credit card / Netbanking / UPI or submit SBI challan (offline) by 16/12/2025 if chosen.
Submit the application and keep a printout of the completed form and payment acknowledgement for future reference.

Important Dates
Make a note of these key dates for the IB MTS Recruitment 2025 application and payment process.
Online Application Opens: 22/10/2025 onwards
Last Date to Apply Online: 14/12/2025
Last Date for Submission of Application Fee (Offline): 16/12/2025

## ଓଡ଼ିଶାକୁ ରେଳ ବଜେଟ୍ ଆବଣ୍ଟନ ୧୩ଗୁଣ ବୃଦ୍ଧି ପାଇଛି : ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ(ପିଆଇବି):** ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାକୁ ମାତ୍ର ୮୩୮ କୋଟି ଟଙ୍କାର ରେଳ ବଜେଟ୍ ଆବଣ୍ଟନ ହୋଇଥିଲା। ଅନ୍ୟପଟେ କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟକୁ ଏହାର ୧୩ ଗୁଣ ଅର୍ଥାତ୍ ୧୦,୫୯୯ କୋଟି ଟଙ୍କାର ରେଳ ବଜେଟ୍ ଦିଆଯାଇଛି । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ନୂଆ ରେଳ ଟ୍ରାକ୍ ନିର୍ମାଣ ମଧ ବାର୍ଷିକ ହାରାହାରି ସାଢ଼େ ତିନି ଗୁଣ ବୃଦ୍ଧି ପାଇଛି। ୨୦୦୯-୧୪ ମଧ୍ୟରେ ୨୬୭ କିଲୋମିଟର ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଥିଲା, ଅର୍ଥାତ୍ ବାର୍ଷିକ ହାରାହାରି ୫୩.୪ ରେଳ ଲାଇନ୍ ବିଛା ହେଉଥିଲା। ଏହା ତୁଳନାରେ ୨୦୧୪-୨୫ ମଧ୍ୟରେ ବାର୍ଷିକ ହାରାହାରି ୧୯୫.୪୫ ନୂଆ ରେଳ ଲାଇନ୍ ନିର୍ମାଣ କରାଯାଇଥିବା ବେଳେ ଏହି ଅବଧି ମଧ୍ୟରେ ମୋଟ୍ ୨,୧୫୦ କିମି ରେଳ ଲାଇନ୍ ବିଛା ହୋଇଛି । ଏପ୍ରିଲ ୨୦୨୫ ସୁଦ୍ଧା ୧୯ଟି ନୂଆ ଲାଇନ ଏବଂ ୩୦ଟି ଦୋହରୀକରଣ ପ୍ରକଳ୍ପ ସମେତ ଓଡ଼ିଶାରେ ସମ୍ପୂର୍ଣ୍ଣ ଏବଂ ଆଂଶିକ ଭାବେ ୪୯ଟି ରେଳ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏଥିପାଇଁ ୬୭ ହଜାର ୪୯୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ମାର୍ଚ୍ଚ ୨୦୨୫ ସୁଦ୍ଧା ୧୪୨୯ କିଲୋମିଟର ରେଳ ମାର୍ଗ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ୨୮,୦୪୩ ଟଙ୍କା ଖର୍ଚ୍ଚ ହୋଇଛି। ଉକ୍ତ ଅବଧି ସୁଦ୍ଧା ମୋଟ୍ ୧୧ଟି ରେଳ ଲାଇନ୍ କାମ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି। ଏହାବ୍ୟତୀତ ୧୭ଟି ରେଳ ଲାଇନ୍ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ୨୦୨୨-୨୩ରୁ ୨୦୨୫-୨୬ ମଧ୍ୟରେ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ଦେଇ ଯାଉଥିବା ୭୬ଟି ରେଳ ପ୍ରକଳ୍ପ ପାଇଁ ସର୍ଭେ ହୋଇଛି। ଏଥିରେ ୩୦ଟି ନୂଆ ଲାଇନ ଏବଂ ୪୬ଟି ଦୋହରୀକରଣ ପ୍ରକଳ୍ପ ସାମିଲ ରହିଛି। କେନ୍ଦ୍ର ରେଳ ମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି, ଓଡ଼ିଶା, ଝାରସୁଗୁଡା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ ସମେତ ସମସ୍ତ ବ୍ରଡଗଜ୍ ନେଟଓ୍ୱାର୍କକୁ ବିଦ୍ୟୁତୀକରଣ କରାଯାଇଛି। ଏହାବ୍ୟତୀତ, ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ଏବଂ ତାଳଚେର-ବିମଳାଗଡ଼ ସମେତ ସମସ୍ତ ନୂତନ ଲାଇନ / ରେଳ ଲାଇନ ଦୋହରୀକରଣ ପ୍ରକଳ୍ପକୁ ବିଦ୍ୟୁତୀକରଣ ସହିତ ମଞ୍ଜୁର ଏବଂ ନିର୍ମାଣ କରାଯାଉଛି। ଭାରତୀୟ ରେଳବାଇ ଅଧିକ ମାଲ୍ ପରିବହନ ଲାଗି ଦେଶରେ ୧୨୦ଟି ଗତି-ଶକ୍ତି ବହୁମୁଖି କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ କରିଥିବା ବେଳେ ୧୩୩ଟି ସ୍ଥାନରେ ଏଭଳି ଟର୍ମିନାଲ ନିର୍ମାଣ ଜାରି ରଖିଛି । ଓଡ଼ିଶାର ୧୦ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି। ଆହୁରି ୭ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ ନିର୍ମାଣକୁ ଅନୁମୋଦନ କରାଯାଇଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳବାଇ ଟ୍ରେନ ଚଳାଚଳରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛି। ୨୦୧୩-୧୪ରେ ସୁରକ୍ଷା ସଂକ୍ରାନ୍ତ କାର୍ଯ୍ୟକଳାପ ପାଇଁ ୩୯,୪୬୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଗତ ତିନି ବର୍ଷ ହେବ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ଏଥିପାଇଁ ବ୍ୟୟବରାଦ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ସୁରକ୍ଷା ବ୍ୟୟ ବାବଦରେ ୧,୧୬,୪୭୦ କୋଟି ଟଙ୍କା ବିନିଯୋଗ କରାଯିବ। କେନ୍ଦ୍ରୀକୃତ ପରିଚାଳନା ପଏଣ୍ଟ ସହିତ ୬,୬୫୬ ଷ୍ଟେସନରେ ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ ସିଷ୍ଟମ କାର୍ଯ୍ୟକ୍ଷମ କରାଯାଇଛି। ଭାରତୀୟ ରେଳବାଇର ୧୫,୫୧୨ ଆରକେଏମରେ କବଚ ପ୍ରଣାଳୀ କାର୍ଯ୍ୟକ୍ଷମ ହୋଇଛି। ଏହା ହେଉଛି ଏକ ସ୍ୱଦେଶୀ ପ୍ରଯୁକ୍ତି ଆଧାରିତ ପ୍ରଣାଳୀ ଯାହା ସର୍ବୋଚ୍ଚ ନିରାପତ୍ତା ସୁନିଶ୍ଚିତ କରିଥାଏ। ଏହି ପ୍ରଣାଳୀ ଲୋକୋ ପାଇଲଟମାନଙ୍କୁ ନିର୍ଦ୍ଦିଷ୍ଟ ବେଗରେ ଟ୍ରେନ ଚଳାଇବା ଏବଂ ସ୍ୱୟଂକ୍ରିୟ ଭାବେ ବ୍ରେକ୍ ପ୍ରୟୋଗ କରିବାର ସୁବିଧା ଦେଇଥାଏ। କୁହୁଡ଼ି ପ୍ରବଣ ଅଞ୍ଚଳରେ ଲୋକୋ ପାଇଲଟମାନଙ୍କୁ ଜିପିଏସ ଆଧାରିତ ଫଗ ସୁରକ୍ଷା ଡିଭାଇସ ପ୍ରଦାନ କରାଯାଇଛି। ବ୍ରଡଗଜ୍ ମାର୍ଗରେ ସବୁ ମାନବବିହୀନ ଲେଭଲ କ୍ରସିଂକୁ ଉଚ୍ଛେଦ କରାଯାଇଛି।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏଗ୍ରିଷ୍ଟାକ୍ ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ




**ଭୁବନେଶ୍ୱର:** ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏଗ୍ରିଷ୍ଟାକ୍ ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଗତକାଲି ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଗ୍ରିଷ୍ଟାକ୍ ହେଉଛି ଭାରତ ସରକାରଙ୍କ ଦ୍ୱାରା ବିକଶିତ ଏକ ଏକୀକୀତ କୃଷି ତଥ୍ୟ ପ୍ଲାଟ୍‌ଫର୍ମ । ଏଥିରେ କୃଷକଙ୍କର ରହିଥିବା ଜମି, ଫସଲ ସମ୍ବନ୍ଧୀୟ ସୂଚନା ଏକାଠି ଡିଜିଟାଲ ମାଧ୍ୟମରେ ରଖାଯିବା ବ୍ୟବସ୍ଥା ରହିଛି , ଯଦ୍ୱାରା କୃଷକଙ୍କୁ ଡିଜିଟାଲ ମାଧ୍ୟମରେ ଉଦ୍ଦିଷ୍ଟ ସେବା ଠିକ୍ ଭାବେ ପହଁଚାଇବାରେ ସହଜ କରିବ । ଏଗ୍ରିଷ୍ଟାକ୍ ଅଧିନରେ ଫସଲର ଡିଜିଟାଲ୍ ସର୍ବେକ୍ଷଣ, କୃଷକ ପରିଚୟ ପଂଜୀକରଣ, ଗ୍ରାମୀଣ ମାନଚିତ୍ରକୁ ଜିପିଏସ୍‌ରେ ସଠିକ୍ ଭାବେ ମ୍ୟାପ କରି ସରକାରୀ ଭଣ୍ଡାରରେ ଡିଜିଟାଲ ଉପଲବ୍ଧ ବ୍ୟବସ୍ଥା କରାଯାଉଛି । ଅନୁଷ୍ଠିତ ବୈଠକରେ ଭାରତ ସରକାରଙ୍କ ମୁଖ୍ୟ ପରାମର୍ଶ ଅଧିକାରୀ ଶ୍ରୀ ରାଜୀବ ଚାଓ୍ୱଲା, ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟର ଅତିରିକ୍ତ ଶାସନ ସଚିବ ଡଃ ପ୍ରମୋଦ କୁମାର ମେହେର୍ଦ୍ଦା ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ଏବଂ କମିଟିର ସଦସ୍ୟ ଥିବା ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀ ମାନେ ଲୋକସେବା ଭନବନରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ୨୦୨୪ ଏବଂ ୨୦୨୫ ବର୍ଷରେ ଖରିଫ୍ ଓ ରବି ଫସଲର ଡିଜିଟାଲ ସର୍ବେକ୍ଷଣ ଉପରେ ତୁଳନାତ୍ମକ ଅନୁଧାନ କରାଯାଇଥିଲା । ଡିଜିଟାଲ ଫସଲ ସର୍ବେକ୍ଷଣରେ ଖରିଫରେ ଧାନ, କପା, ମକା, ମାଣ୍ଡିଆ, କାଜୁ ଆଦି ପ୍ରମୁଖ ଫସଲର ସର୍ବେକ୍ଷଣ ଅନ୍ତର୍ଭୁକ୍ତ ରହିଥିବା ବେଳେ ରବିରେ ମୁଗ, ବିରି, ଚିନାବାଦାମ ଧାନ ଆଦି ଅନ୍ତର୍ଭୁକ୍ତ ରହିଛି । ୨୦୨୫ ଗଣନା ଅନୁସାରେ ରାଜ୍ୟରେ ବରଗଡ଼ ଜିଲ୍ଲା ଓ ଝାରସୁଗୁଡ଼ା ଜିଲ୍ଲା ଜିଲ୍ଲା-ଓ୍ୱାରୀ ଖରିଫ ଜମି ସର୍ବେକ୍ଷଣରେ ଶେଷ୍ଠ ପ୍ରଦର୍ଶନ କାରୀ ଜିଲ୍ଲା ଭାବେ ସଫଳତା ହାସଲ କରିଛନ୍ତି । ସାମଗ୍ରିକ ଭାବେ ବିଭିନ୍ନ ଜିଲ୍ଲାର ସଫଳତା ହାର ୯୪ ପ୍ରତିଶତ ରହିଛି । ପୂର୍ବଥର ଅପେକ୍ଷା ସର୍ବେକ୍ଷଣ ପଦ୍ଧତିରେ ବହୁ ଉନ୍ନତି କରାଯାଇଛି । ସେ ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟ ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଏହାର ପର୍ଯ୍ୟବେକ୍ଷଣ ଓ ନିରୀକ୍ଷଣରେ ମଧ ସାମିଲ ହୋଇଛନ୍ତି । ଅନ୍ୟ ପକ୍ଷରେ ଯେଉଁମାନେ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟରେ ଖିଲାପ କରିଛନ୍ତି, ସଂପୃକ୍ତ ସର୍ଭେୟର, ସୁପରଭାଇଜର, ଭେଣ୍ଡରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସର୍ବେକ୍ଷଣରେ ତଥ୍ୟର ବିଭିନ୍ନ ପ୍ରକାର ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଡିଜିଟାଲ ସର୍ବେକ୍ଷଣରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନକୁ ଭାରତ ସରକାର ଉଚ୍ଚ ପ୍ରଶଂସା କରିଛନ୍ତି । ଡିଜିଟାଲ ସର୍ବେକ୍ଷଣ, ଏହାର ଅଗ୍ରଗତି, ଗୁଣାତ୍ମକତା ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରାଯାଇଛି । ଭାରତ ସରକାରଙ୍କ ମୁଖ୍ୟ ପରାମର୍ଶ ଅଧିକାରୀ ଶ୍ରୀ ଚାଓ୍ୱଲା ଓଡ଼ିଶା ରାଜ୍ୟ ସରକାରଙ୍କର ପୁରା ଟିମ୍‌କୁ ପ୍ରଶଂସା କରିଛନ୍ତି । ଓଡ଼ିଶାର ସର୍ବେକ୍ଷଣ ବ୍ୟବସ୍ଥା ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି । ଓଡ଼ିଶାର ସର୍ବେକ୍ଷଣ ସଠିକତା ୯୬.୬୭ ପ୍ରତିଶତ ରହିଛି ଏବଂ ରା ?ଷ୍ଟ୍ରୀୟ ତ୍ରୁଟି ସର୍ବେକ୍ଷଣରେ ଦେଶରେ ଓଡ଼ିଶାର ସବୁଠାରୁ କମ୍ ତ୍ରୁଟି(୩.୩୩ ପ୍ରତିଶତ ରହିଛି) । ବୈଠକରେ ମଧ କୃଷକ ଫଂଜୀକରଣ ସଂପର୍କିତ ଆଲୋଚନା ହୋଇଥିଲା । ଏଥିରେ ଝାରସୁଗୁଡ଼ା ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜଣାଯାଇଛି ।

## ୨୦୨୬ ଋତୁ ପାଇଁ କୋପ୍ରାର ସର୍ବନିମ୍ନ ସହାୟକ ମୂଲ୍ୟକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

**ନୂଆଦିଲ୍ଲୀ(ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଇଏ) ୨୦୨୬ ଋତୁ ପାଇଁ କୋପ୍ରା (ଶୁଖିଲା ନଡ଼ିଆ)ର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)କୁ ଅନୁମୋଦନ କରିଛନ୍ତି। ଚାଷୀମାନଙ୍କୁ ଲାଭଦାୟକ ମୂଲ୍ୟ ପ୍ରଦାନ କରିବା ପାଇଁ, ସରକାର ୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ଘୋଷଣା କରିଥିଲେ ଯେ, ସମସ୍ତ ଅତ୍ୟାବଶ୍ୟକ ଫସଲର ଏମଏସପି ସମଗ୍ର ଭାରତରେ ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି କମରେ ୧.୫ ଗୁଣ ସ୍ଥିର କରାଯିବ। ୨୦୨୬ ଋତୁ ପାଇଁ, ଉପଯୁକ୍ତ ହାରାହାରି ଗୁଣବତ୍ତା ବିଶିଷ୍ଟ ମିଲ୍ ହୋଇଥିବା କୋପ୍ରାର ଏମଏସପି କ୍ୱିଣ୍ଟାଲ ପିଛା ୧୨,୦୨୭ ଟଙ୍କା ଏବଂ ବଲ୍ କୋପ୍ରାର ଏମଏସପି କ୍ୱିଣ୍ଟାଲ ପିଛା ୧୨,୫୦୦ ଟଙ୍କା ସ୍ଥିର କରାଯାଇଛି। ୨୦୨୬ ଋତୁ ପାଇଁ ମିଲିଂ ହୋଇଥିବା କୋପ୍ରାର ଏମଏସପି ପୂର୍ବ ଋତୁ ତୁଳନାରେ କ୍ୱିଣ୍ଟାଲ ପିଛା ୪୪୫ ଟଙ୍କା ଓ ବଲ କୋପ୍ରାର ଏମଏସପି କ୍ୱିଣ୍ଟାଲ ପିଛା ୪୦୦ ଟଙ୍କା ବୃଦ୍ଧି ପାଇଛି । ୨୦୧୪ ମାର୍କେଟିଂ ଋତୁରେ ମିଲିଂ କୋପ୍ରା ଓ ବଲ କୋପ୍ରାର ଏମଏସପି ଯଥାକ୍ରମେ କ୍ୱିଣ୍ଟାଲ ପିଛା ୫,୨୫୦ ଟଙ୍କା ଓ ୫,୫୦୦ ଟଙ୍କା ଥିବାବେଳେ ସରକାର ୨୦୨୬ ମାର୍କେଟିଂ ଋତୁରେ ତାହା ଯଥାକ୍ରମେ କ୍ୱିଣ୍ଟାଲ ପିଛା ୧୨,୦୨୭ ଟଙ୍କା ଓ ୧୨,୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଫଳରେ ମିଲିଂ କୋପ୍ରା ଓ ବଲ କୋପ୍ରାର ଏମଏସପି ଯଥାକ୍ରମେ ୧୨୯ ପ୍ରତିଶତ ଓ ୧୨୭ ପ୍ରତିଶତ ବୃଦ୍ଧି ପାଇଛି । ବର୍ଦ୍ଧିତ ଏମଏସପି କେବଳ ନଡ଼ିଆ ଚାଷୀମାନଙ୍କୁ ଭଲ ଲାଭ ପ୍ରଦାନ କରିବ ନାହିଁ ବରଂ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ନଡ଼ିଆ ଉତ୍ପାଦର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଚାଷୀମାନଙ୍କୁ କୋପ୍ରା ଉତ୍ପାଦନ ବୃଦ୍ଧି କରିବାକୁ ପ୍ରୋତ୍ସାହିତ କରିବ। ମୂଲ୍ୟ ସମର୍ଥନ ଯୋଜନା (ପିଏସଏସ) ଅଧୀନରେ କୋପ୍ରା କ୍ରୟ ପାଇଁ ଜାତୀୟ କୃଷି ସମବାୟ ମାର୍କେଟିଂ ଫେଡେରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନଏଏଫଇଡି ) ଏବଂ ଜାତୀୟ ସମବାୟ ଗ୍ରାହକ ଫେଡେରେସନ (ଏନସିସିଏଫ) କେନ୍ଦ୍ରୀୟ ନୋଡାଲ୍ ଏଜେନ୍ସି (ସିଏନଏ) ଭାବରେ କାର୍ଯ୍ୟ କରିବା ଜାରି ରଖିବେ।

## ଖରିଆରରୋଡ ଏନ୍‌ଏସିରେ ବୈଧମାପ ଓଜନ ବିଭାଗ ଦ୍ୱାରା ପ୍ରବର୍ତ୍ତନ କାର୍ଯ୍ୟ ଅନୁଷ୍ଠିତ

**ନୂଆପଡା(ମାର୍ନିସ):** ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବୈଧ ମାପ ଓଜନ ବିଭାଗ ଦ୍ୱାରା ପ୍ରବର୍ତ୍ତନ କାର୍ଯ୍ୟ , ଏନଫୋର୍ସମେଣ୍ଟ ଅନୁଷ୍ଠିତ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ଉପ-ଜିଲ୍ଲାପାଳ ସୁର୍ମି ସୋରେନ୍, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଦିଲ୍ଲିପ କୁମାର ପାତ୍ର, ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ନୂଆପଡା ଆଇନଗତ ମାପ ନିରୀକ୍ଷକ କ୍ଷିତିଶ ରଞ୍ଜନ ଦାଶ ଏବଂ ପୃଥୁରାଜ ହାଁସଦା, ଉପ ନିୟନ୍ତ୍ରକ ଆଇନଗତ ମାପ ବିଜ୍ଞାନଙ୍କ ଦ୍ୱାରା ଏହା ଲାଗୁ କରାଯାଇଛି। ଏଥିରେ ତେଜରାତି ଦୋକାନ, କୁକୁଡ଼ା ମାଂସ ଦୋକାନ, ହାର୍ଡୱେର୍ ଷ୍ଟୋର ଇତ୍ୟାଦି ୧୨ ଟି ବିଭିନ୍ନ ଦୋକାନ ଯାଞ୍ଚ କରାଯାଇଛି। ୩ ଟି ମାମଲା ରୁଜୁ କରାଯାଇ ୭୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢାଉରେ ଯୋଙ୍କ ପୋଲିସ ସହଯୋଗ କରିଥିଲେ । ଆଗାମୀ ଦିନରେ ମଧ ଏହି ଏନଫୋର୍ସମେଣ୍ଟ ଜାରି ରହିବବୋଲି ବିଭାଗୀୟ ଅଧିକାରୀ ଜଣାଇଛନ୍ତି ।



ଶ୍ରୀ ଶ୍ରୀ ୟୁନିଭରସିଟିରେ ଡ. ସୁଜାତା ରଥ ପିଏଚ.ଡି. କରିଥିଲେ। ତାଙ୍କ ଟପିକ୍ ହେଲା “Myth in Irawati Karve- The Contemporary perspective”। ତାଙ୍କୁ ଗାଇଡ୍ କରିଥିଲେ ଡ. କ୍ରିଷ୍ଣ ପ୍ରସାଦ ସିଂ, ପ୍ରଫେସର ଏବଂ ନିର୍ଦ୍ଦେଶକ ଏମଜିଏମୟୁ ୟୁନିଭରସିଟ୍ ସମ୍ଭାଜିନଗର ମହାରାଷ୍ଟ୍ର।

## ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦଯାପିତ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂଚାଳିତ ମହାବିଦ୍ୟାଳୟରେ ଗତ କାଲି ଠାରୁ ଦୁଇ ଦିନ ଧରି ଚାଲି ଥିବା ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬, ଜିଲ୍ଲାସ୍ତରୀୟ ଯୁବୋତ୍ସବ ଆଜି ଉଦଯାପନ ହେଇଯାଇଛି । ଏହି 'ଯୁବୋତ୍ସବ' କ୍ରୀଡା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏଠାରେ ସର୍ବମୋଟ ୬୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ବୟସ ୧୫ ରୁ ୨୯ ବର୍ଷ ମଧ୍ୟରେ ଥିଲା ଏହି ପ୍ରତିଯୋଗିତା ଗୁଡିକରେ ୧ମ, ୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଥିବା ଯୁବକ ଓ ଯୁବତୀ ମାନଙ୍କୁ ନଗଦ ଅର୍ଥରାଶି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଛି ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି




**ନୂଆପଡ଼ା(ମାନିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ଡୁମେରପାଣି ଠାରେ ନୂଆପଡ଼ା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଯାଇଛି । ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଶୀଙ୍କ ସଭାପତିତ୍ୱରେ ଚଳିତ ବର୍ଷର ମୋ ସ୍ୱପ୍ନର ଓଡ଼ିଶା ବିଷୟବସ୍ତୁ ଉପରେ ଆଧାରିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାଏକ,ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧକ୍ଷା,ନୂଆପଡ଼ା ତାରେଶ୍ୱରୀ ସାହୁ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତିରାମ ନାଏକ, ଚନ୍ଦ୍ରକଳା ଜଗତ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ସରପଞ୍ଚ ଧରମବନ୍ଧା ଭୁବନେଶ୍ୱରୀ ଦଣ୍ଡସେନା, ସରପଞ୍ଚ ଡୁମେରପାଣି ଟେକରାମ ସାହୁ , ଏସ. ଏମ. ସି. ଚେୟାରମେନ ଟିକେଶ୍ୱର୍ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତ ଗୁଡ଼ିକ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମଟିର ସଫଳ ଆୟୋଜନରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ , ଛାତ୍ରଛାତ୍ରୀ ମାନଙ୍କ ସହିତ ଆସିଥିବା ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମର ଭଦ୍ରବ୍ୟକ୍ତି,ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା,ଏନ.ସି.ସି, ସ୍କାଉଟ ଏଣ୍ଡ ଗାଇଡ, କପ୍ ଏଣ୍ଡ ବୁଲବୁଲ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ସୁଶାନ୍ତ ମୁଣ୍ଡ, ଜୟକୃଷ୍ଣ ସୁନାନୀ ଓ ଦେବରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତିରାମ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଲସେତୁ ଓ୍ୱିଣ୍ଡୋକୁ ମିଳିଲା କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ(ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆର୍ଥିକ ବ୍ୟାପାର କମିଟି ଆଜି ସୁଗମ, ଦକ୍ଷ ଏବଂ ସ୍ୱଚ୍ଛ ବ୍ୟବହାର ପାଇଁ କୋଇଲା ଲିଙ୍କେଜ୍ ନିଲାମ ନୀତି (କୋଲସେତୁ)କୁ ଅନୁମୋଦନ କରିଛି। ଏହି ନୀତି 'କୋଲ ସେତୁ' ନାମକ ଏକ ନୂତନ ଓ୍ୱିଣ୍ଡୋ ସୃଷ୍ଟି କରେ, ଯାହା ଯେକୌଣସି ଶିଳ୍ପ ବ୍ୟବହାର ଏବଂ ରପ୍ତାନି ପାଇଁ କୋଇଲା ବ୍ୟବହାର କରିବ, ଯାହାକୁ ଏନଆରଏସ୍ ଲିଙ୍କେଜ୍ ନୀତିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୂତନ ନୀତି ସରକାରଙ୍କ ଦ୍ୱାରା କରାଯାଉଥିବା କୋଇଲା କ୍ଷେତ୍ର ସଂସ୍କାର କାର୍ଯ୍ୟର ଅଂଶ ବିଶେଷ। ଏହି ନୀତି ୨୦୧୬ର ଏନଆରଏସ୍ (ଅଣ-ନିୟନ୍ତ୍ରିତ କ୍ଷେତ୍ର) ଲିଙ୍କେଜର ନିଲାମ ନୀତିରେ “କୋଲସେତୁ” ନାମକ ଏକ ପୃଥକ ଓ୍ୱିଣ୍ଡୋ ଯୋଡି, ଯେକୌଣସି ଶିଳ୍ପ ବ୍ୟବହାର ଏବଂ ରପ୍ତାନି ପାଇଁ ଦୀର୍ଘକାଳୀନ ଭାବରେ ନିଲାମ ଆଧାରରେ କୋଇଲା ଲିଙ୍କେଜର ଆବଣ୍ଟନକୁ ଅନୁମତି ଦେବ। ଯେଉଁଠାରେ କୋଇଲା ଆବଶ୍ୟକ କରୁଥିବା ଯେକୌଣସି ଘରୋଇ କ୍ରେତା ଲିଙ୍କେଜର ନିଲାମରେ ଅଂଶଗ୍ରହଣ କରିପାରିବେ। ଏହି ଓ୍ୱିଣ୍ଡୋ ଅଧୀନରେ କୋକିଂ କୋଇଲା ପ୍ରଦାନ କରାଯିବ ନାହିଁ। ଏନଆରଏସ୍ ପାଇଁ କୋଇଲା ଲିଙ୍କେଜ୍ ନିଲାମ ଲାଗି ବର୍ତ୍ତମାନର ରହିଥିବା ନୀତିରେ ଏନଆରଏସ୍ ପାଇଁ ସମସ୍ତ ନୂତନ କୋଇଲା ଲିଙ୍କେଜ୍ ଯଥା : ସିମେଣ୍ଟ, ଇସ୍ପାତ (କୋକିଂ), ସ୍ପଞ୍ଜ ଲୁହା, ଆଲୁମିନିୟମ ଏବଂ ଅନ୍ୟାନ୍ୟ ଥସାର (ୟୁରିଆ) ବାଦ ଦେଇଧ ଆବଣ୍ଟନ କରାଯିବାର ବ୍ୟବସ୍ଥା ଅଛି, ଯେଉଁଥିରେ ସେମାନଙ୍କର କ୍ୟାପ୍ଟିଭ୍ ପାଓ୍ୱାର ପ୍ଲାଣ୍ଟ (ସିପିପି) ମଧ ନିଲାମ ଆଧାରିତ ହେବ। ଏନଆରଏସ୍ ଲିଙ୍କେଜ୍ ର ବର୍ତ୍ତମାନର ନୀତି ଅନୁଯାୟୀ, ଉପ-କ୍ଷେତ୍ରଗୁଡ଼ିକ କେବଳ ନିର୍ଦ୍ଦିଷ୍ଟ ଶେଷ ଉପଭୋକ୍ତାଙ୍କ ପାଇଁ ଉଦ୍ଦିଷ୍ଟ। ବର୍ତ୍ତମାନର ଏବଂ ଭବିଷ୍ୟତର ବଜାର ଗତିଶୀଳତାକୁ ଦୃଷ୍ଟିରେ ରଖି ଏବଂ ବ୍ୟବସାୟ କରିବାର ସହଜତା ଏବଂ ବିଦ୍ୟମାନ କୋଇଲା ଭଣ୍ଡାରର ତ୍ୱରିତ ବ୍ୟବହାର ଏବଂ ଦେଶର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଆମଦାନୀ ହେଉଥିବା କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରିବା ଉଦ୍ଦେଶ୍ୟରେ, ଏନଆରଏସକୁ କୋଇଲା ଯୋଗାଣର ବର୍ତ୍ତମାନର ବ୍ୟବସ୍ଥା ଉପରେ ଏକ ନୂତନ ଦୃଷ୍ଟି ପକାଇବା ଏବଂ କୌଣସି ଶେଷ ବ୍ୟବହାର ପ୍ରତିବନ୍ଧକ ବିନା ଏନଆରଏସରେ ସଂଯୋଗୀକରଣକୁ କୋଇଲା ଗ୍ରାହକଙ୍କ ପାଇଁ ବ୍ୟାପକ କରିବାର ଆବଶ୍ୟକତା ଥିଲା। ବାଣିଜ୍ୟିକ ଖଣି ପାଇଁ କୋଇଲା କ୍ଷେତ୍ରକୁ ଖୋଲାଯିବା ପରି, ଯାହା କୌଣସି ଶେଷ ବ୍ୟବହାର ପ୍ରତିବନ୍ଧକ ବିନା କୋଇଲା ବ୍ଲକ ଆବଣ୍ଟନକୁ ସକ୍ଷମ କରିଥିଲା, ଏନଆରଏସ୍ ପାଇଁ କୋଇଲା ଲିଙ୍କେଜ ନିଲାମ କରିବା ନୀତିକୁ ଏହି ଉଦ୍ଦେଶ୍ୟରେ ଅନ୍ୟ ଏକ ଓ୍ୱିଣ୍ଡୋ/ଉପ-କ୍ଷେତ୍ର ଯୋଡି ଦୀର୍ଘକାଳୀନ ନିଲାମ ଆଧାରରେ ଯେକୌଣସି ଶିଳ୍ପ ବ୍ୟବହାର ଏବଂ ରପ୍ତାନି ପାଇଁ କୋଇଲା ଲିଙ୍କେଜ ଆବଣ୍ଟନକୁ ଅନୁମତି ଦେବା ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଯାଇଛି । ବ୍ୟବସାୟୀମାନଙ୍କୁ ପ୍ରସ୍ତାବିତ ଓ୍ୱିଣ୍ଡୋରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ଏନଆରଏସ୍ (ଅଣ-ନିୟନ୍ତ୍ରିତ କ୍ଷେତ୍ର)ରେ ନିର୍ଦ୍ଦିଷ୍ଟ ଶେଷ-ଉପଭୋକ୍ତା ଉପ-କ୍ଷେତ୍ର ପାଇଁ କୋଇଲା ଲିଙ୍କେଜର ବର୍ତ୍ତମାନର ନିଲାମ ଜାରି ରହିବ। ନିର୍ଦ୍ଦିଷ୍ଟ ଶେଷ - ଉପଭୋକ୍ତାମାନେ ମଧ ଏହି ଓ୍ୱିଣ୍ଡୋରେ ଅଂଶଗ୍ରହଣ କରିପାରିବେ। ଏହି ଓ୍ୱିଣ୍ଡୋ ଅଧୀନରେ ପ୍ରାପ୍ତ କୋଇଲା ଲିଙ୍କେଜ ଦେଶରେ ପୁନଃବିକ୍ରୟ ବ୍ୟତୀତ ନିଜସ୍ୱ ବ୍ୟବହାର, କୋଇଲା ରପ୍ତାନି କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟ (କୋଇଲା ଧୋଇବା ସମେତ) ପାଇଁ ବ୍ୟବହୃତ ହେବ। କୋଇଲା ଲିଙ୍କେଜ ଧାରକମାନେ ସେମାନଙ୍କର କୋଇଲା ଲିଙ୍କେଜ ପରିମାଣର ୫୦ ପ୍ରତିଶତ ପର୍ଯ୍ୟନ୍ତ କୋଇଲା ରପ୍ତାନି କରିବାକୁ ଯୋଗ୍ୟ ହେବେ। କୋଇଲା ଲିଙ୍କେଜ ଧାରକମାନେ ନିଜର ଗୋଷ୍ଠୀର କମ୍ପାନୀଗୁଡ଼ିକ ମଧ୍ୟରେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ଏହି ଓ୍ୱିଣ୍ଡୋ ଅଧୀନରେ ପ୍ରାପ୍ତ କୋଇଲାକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରିପାରିବେ।

## ଚିନ୍ମୟ ମିଶନ ବ୍ରହ୍ମପୁର ଆୟୋଜିତ ଭକ୍ତି କି ଶକ୍ତି ପ୍ରବଚନ କାର୍ଯ୍ୟକ୍ରମ

**ବ୍ରହ୍ମପୁର (ମାନିସ):** ସ୍ଥାନୀୟ ଟାଟାବେଞ୍ଜ ରୋଡ ସ୍ଥିତ କେ ସି ପବ୍ଲିକ ସ୍କୁଲ ପରିସରରେ ବ୍ରହ୍ମପୁର ଚିନ୍ମୟ ମିଶନ ଆୟୋଜିତ ୬ ଦିନିଆ ପ୍ରବଚନ କାର୍ଯ୍ୟକ୍ରମ କୁ ଉଦଘାଟନ କଲେ ସ୍ୱାମୀ ଅଭେଦାନନ୍ଦ ( ଚିନ୍ମୟ ମିଶନ ଦକ୍ଷିଣ ଆଫ୍ରିକା,ବିଶ୍ୱ ଶାନ୍ତି ପୁରସ୍କାର ପ୍ରାପ୍ତ ),ରାଉରକେଲା ଚିନ୍ମୟ ମିଶନ ର ସ୍ୱାମୀ ନିଲିପ୍ତାନନ୍ଦ,ବ୍ରହ୍ମପୁର ଚିନ୍ମୟ ମିଶନ ର ସ୍ୱାମୀ ସଦାଶିବନନ୍ଦ ଜୀ ଙ୍କ କରକୋମଳ ରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଙ୍କୁ ପୁଷ୍ପମାଲ୍ୟ, ଅର୍ଘ୍ୟ ଦୀପ, ଧୂପ ସମର୍ପଣ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଏହି ଆଧ୍ୟାତ୍ମିକ ପ୍ରବୋଚନ ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲା ର ବହୁ ଚିନ୍ମୟ ମିଶନ ର କାର୍ଯ୍ୟକର୍ତ୍ତା,ବୁଦ୍ଧିଜୀବୀ, ଛାତ୍ର,ଛାତ୍ରୀ, ମହିଳା ଉପସ୍ଥିତ ଥିଲେ ଏହି ଅବସରରେ ସୁଦୂର ଦକ୍ଷିଣ ଆଫ୍ରିକା ରୁ ଆସିଥିବା ସ୍ୱାମୀ ଅଭେଦାନନ୍ଦ ଜୀ ବ୍ରହ୍ମପୁର ସହର ରେ ନିଜ ଜୀବନ ବ୍ୟାପି ଚିନ୍ମୟ ମିଶନ କୁ ସମର୍ପଣ କରିଥିବା କିଛି ବ୍ୟକ୍ତି ସନ୍ମାନିତ କରିଥିଲେ ଚିନ୍ମୟ ମିଶନ ବରିଷ୍ଠ କାର୍ଯ୍ୟକର୍ତ୍ତା ଡ଼ ଲକ୍ଷ୍ମୀ ବାଇ ଙ୍କ ତ୍ୟାଗ ଓ ସମର୍ପଣ ପାଇଁ ସ୍ୱାମୀ ତାଙ୍କରି ନିରାମୟ ଓ ଦୀର୍ଘାୟୁ ଜୀବନୀ କାମନା କରିଥିଲେ। ସ୍ୱାମୀ ନିଜ ପ୍ରବୋଚନ ରେ ପ୍ରକାଶ କରିଥିଲେ ଜେ ଆଜି କାଲି ଯାହା ହେଉଛି ତାହା ଏକ ଶକ୍ତି (ଭଗବାନ) ଦ୍ୱାରା ପରିଚାଳିତ ରେ ହେଉଛି ଏଣୁ ଆମେ ସମସ୍ତ ମାନବ ସମାଜ ଭଗବତ ପ୍ରେମୀ ହୋଇ ଭଗବାନ ଙ୍କ ଠାରେ ସମର୍ପିତ ହେବା ଆବଶ୍ୟକ ଅଛି ଦୈନନ୍ଦିନ ଜୀବନ ରେ ଯାହା ସବୁ ଘଟୁଛି ତାହା ଏକ ଶକ୍ତି ଦ୍ୱାରା ହେଉଛି ଏକ ଉଦାହରଣ ଦେଇ ସ୍ୱାମୀ କହିଥିଲେ ଯେ ଜଣେ ସାଧୁ ରାଜସ୍ଥାନ ର ମରୁଭୂମି ରେ ପ୍ରବଳ ଶୀତ ରେ ଥରୁ ଥିଲେ ଏହି ସମୟରେ ଜଣେ ରାଜା ସେହି ରାସ୍ତାରେ ଏହା ଦେଖି ସାଧୁ ଙ୍କୁ ଏକ କମ୍ବଳ ଦେଇ ଚାଲିଗଲେ ତା ପରେ ଦଳେ ଡକାୟତ ସେହି ରାସ୍ତାରେ ସାଧୁ ଦେଖି ତାଙ୍କରି କମ୍ବଳ ନେଇଯାଇଥିଲେ ଏହା ପରେ ସାଧୁ ବୁଝି ପାରିଲେ ଯେ ଭଗବାନ ଦେଇଥିଲେ ଓ ନେଇଗଲେ ଏଣୁ ଯାହା ସବୁ ଘଟୁଛି ସବୁ ଭଗବାନ ଦ୍ୱାରା ହୋଉଛି ଏହାର ତତ୍ୱ ହେଲା ଆମେ ଦୁଃଖ ସମୟରେ ଭଗବାନ ଙ୍କୁ ଦୋଷ ଦେବା ନାହିଁ ସୁଖ ସମୟରେ ଭାବବିହ୍ୱଳ ହୋଇ ଭଗବାନ ଙ୍କୁ ଭୁଲି ଜୀବନାହିଁ ନିଜ ର କର୍ମ ସହିତ ଭଗବାନ ଠାରେ ବିଶ୍ୱାସ ରଖି କାର୍ଯ୍ୟ କରିଚାଲିବା ଆବଶ୍ୟକ ଅଛି। ଏହି କାର୍ଯ୍ୟକ୍ରମ କୁ ବ୍ରହ୍ମପୁର ଚିନ୍ମୟ ର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ।

## ଯାତ୍ରୀ ସୁରକ୍ଷା ପାଇଁ ପୂର୍ବତଟ ରେଳପଥର ସୌରଚାଳିତ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା

**ଭୁବନେଶ୍ୱର:** ପୂର୍ବତଟ ରେଳପଥ ଏହାର ଅଧିକାରକ୍ଷେତ୍ରରେ ସୌରଚାଳିତ ସିସିଟିଭି କ୍ୟାମେରା ବ୍ୟାପକ ଭାବରେ ନିୟୋଜିତ କରି ଏବଂ ଉନ୍ନତ ମାନର ନିରୀକ୍ଷଣ ଡ୍ରୋନ ପ୍ରଚଳନ କରି ସୁରକ୍ଷା ଏବଂ ନିରୀକ୍ଷଣ ଢାଞ୍ଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା, ଅନଧିକାର ପ୍ରବେଶକୁ ରୋକିବା, ଦୁର୍ଗମ ଅଞ୍ଚଳ ଗୁଡିକରେ ନିରୀକ୍ଷଣରେ ଉନ୍ନତି ଆଣିବା ଏବଂ ରେଳ ସମ୍ପତ୍ତି ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ପୂର୍ବତଟ ରେଳପଥ ଅଧିନସ୍ଥ ମଣ୍ଡଳ ଗୁଡ଼ିକରେ ସୌରଚାଳିତ ସିସିଟିଭି କ୍ୟାମେରା ସଂସ୍ଥାପନ କରାଯାଇଛି । ଦୁର୍ଗମ ଅଞ୍ଚଳ କିମ୍ବା କୌଣସି ବିଦ୍ୟୁତ ଯୋଗାଣ ନଥିବା ଅଞ୍ଚଳରେ ନିରବଚ୍ଛିନ୍ନ ନିରୀକ୍ଷଣ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ତିନୋଟି ଡିଭିଜନର ଦୁର୍ଗମ ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସୌରଚାଳିତ ସିସିଟିଭି ବ୍ୟବସ୍ଥା ସ୍ଥାପନ କରାଯାଇଛି : ୱାଲଟେୟାର ଡିଭିଜନ: ଅନଧିକାର ପ୍ରବେଶ ପ୍ରବଣ ସ୍ଥାନ ଏବଂ ରେଳ ୟାର୍ଡରେ ୧୧୩ଟି ସୌର ଶକ୍ତି ଚାଳିତ ସିସିଟିଭି କ୍ୟାମେରା ଲଗାଯାଇଛି। ଆହୁରିମଧ ୧୧୫ଟି ଅତିରିକ୍ତ କ୍ୟାମେରା କ୍ରୟ କରିବା ପ୍ରକ୍ରିୟାରେ ଅଛି । ଖୋର୍ଦ୍ଧା ରୋଡ୍ ଡିଭିଜନ: ପ୍ରମୁଖ ସ୍ଥାନ ମାନଙ୍କରେ ୬ ଗୋଟି ସୌର ଶକ୍ତି ଚାଳିତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରୁଛି । ଆହୁରିମଧ ୧୦୧୭ ଟି ଅତିରିକ୍ତ କ୍ୟାମେରା କ୍ରୟ କରିବା ପ୍ରକ୍ରିୟାରେ ଅଛି । ସମ୍ବଲପୁର ଡିଭିଜନ: ସେହିଭଳି ସମ୍ବଲପୁର ଡିଭିଜନର ଦୁର୍ଗମ ଅଞ୍ଚଳ ଏବଂ ପ୍ରମୁଖ ସ୍ଥାନ ମାନଙ୍କରେ ୪୬ ଟି ସୌର ଶକ୍ତି ଚାଳିତ ସିସିଟିଭି କ୍ୟାମେରା ନିୟୋଜିତ କରାଯାଇଛି । ସାର୍ବଜନୀନ ଲାଭ: ସୌରଚାଳିତ ସିସିଟିଭି ନିୟୋଜିତ ହେବା ଦ୍ୱାରା ଯାତ୍ରୀ ଏବଂ ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି, ଯଦ୍ୱାରା ଅସୁରକ୍ଷିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ପାଇବ, ଅପରାଧ ରୋକାଯାଇପାରିବ, ଅନଧିକାର ପ୍ରବେଶ ଘଟଣା ହ୍ରାସ ପାଇବ ଏବଂ ଦୁର୍ଗମ ସ୍ଥାନରେ ଅଧିକ ପ୍ରଭାବଶାଳୀ ନଜର ରଖାଯାଇପାରିବ। ଦୁର୍ଘଟଣା ପରବର୍ତ୍ତୀ ବିଶ୍ଳେଷଣରେ ଉନ୍ନତି ଆଣିବା ଏବଂ ରେଳ କର୍ମଚାରୀଙ୍କ ସୁରକ୍ଷା ବୃଦ୍ଧି କରିବାରେ ମଧ ଏହି କ୍ୟାମେରା ସହାୟକ ହୋଇଥାଏ। ଏହି ପଦକ୍ଷେପ ଏକ ନିରାପଦ, ଅଧିକ ସୁରକ୍ଷିତ ଏବଂ ଜନ-ଅନୁକୂଳ ରେଳ ପରିବେଶ ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଆକାଶ ମାର୍ଗରୁ ଡ୍ରୋନ୍ ସାହାଯ୍ୟରେ ଉନ୍ନତ ନିରୀକ୍ଷଣ : ଭୂସ୍ତରୀୟ ନିରୀକ୍ଷଣକୁ ଆହୁରି ମଜବୁତ କରିବା ପାଇଁ ପୂର୍ବତଟ ରେଳପଥ ଡ୍ରୋନ୍ ସାହାଯ୍ୟରେ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି: ବର୍ତ୍ତମାନ ମୋଟ ପାଞ୍ଚଗୋଟି ସର୍ଭିଲେନ୍ସ ଡ୍ରୋନ୍ କାର୍ଯ୍ୟକ୍ଷମ ଅଛି ।ସେଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ୱାଲଟେୟାର ଡିଭିଜନ ପ୍ରତ୍ୟେକ ଦୁଇଟି ଲେଖାଏଁ ଡ୍ରୋନ୍ ବ୍ୟବହାର କରୁଥିବାବେଳେ ସମ୍ବଲପୁର ଡିଭିଜନ ଗୋଟିଏ ଡ୍ରୋନ୍ ବ୍ୟବହାର କରୁଛି । ଏହି ଡ୍ରୋନଗୁଡ଼ିକ ଦୀର୍ଘ ରେଳପଥର ପ୍ରକୃତ ସମୟ ନିରୀକ୍ଷଣ, ଦୁର୍ଗମ ଅଞ୍ଚଳରେ ଯାଞ୍ଚ, ରେଳ ୟାର୍ଡର ତଦାରଖ, ବିଶେଷ କାର୍ଯ୍ୟକ୍ରମ ସମୟରେ ଭିଡ଼ ପରିଚାଳନା ଏବଂ ବିଭିନ୍ନ ସୁରକ୍ଷା କାର୍ଯ୍ୟ ପାଇଁ ବ୍ୟବହୃତ କରାଯାଏ।

## ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ୨୨୬ କିମି ସେକ୍ସନରେ ଟ୍ରେନ୍ ଚଳାଚଳ ଜାରି ରହିଛି: ରେଳ ମନ୍ତ୍ରୀ

**ନୂଆଦିଲ୍ଲୀ(ପିଆଇବି):** ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ମୋଟ୍ ଦୂରତା ୩୦୧ କିଲୋମିଟର ହୋଇଥିବା ବେଳେ ନଭେମ୍ବର ୨୦୨୫ ସୁଦ୍ଧା ଏଥିମଧ୍ୟରୁ ୨୨୬ କିଲୋମିଟର ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଆଜି ରାଜ୍ୟସଭାରେ ଓଡ଼ିଶାରେ ରେଳ ବିକାଶ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳ ମନ୍ତ୍ରୀଙ୍କ ସୂଚନା ମୁତାବକ, ୫,୦୮୯ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଦ୍ରୁତ ଗତିରେ ଜାରି ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପରେ ୪,୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ମୋଟ୍ ଆବଶ୍ୟକ ୩୨୭୪.୪୧ ଜମି ମଧ୍ୟରୁ ୩୧୫୮.୧୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହୋଇଛି। ୨୨୬ କିଲୋମିଟର ଲମ୍ବ ଏହି ପ୍ରକଳ୍ପ ମଧ୍ୟରୁ ଖୋର୍ଦ୍ଧା ପଟରୁ ଖୋର୍ଦ୍ଧା ରୋଡ-ଦଶପଲ୍ଲା ୧୦୬ କିଲୋମିଟର ଏବଂ ବଲାଙ୍ଗିର ପଟୁ ବଲାଙ୍ଗିରରୁ ପୁରୁଣା କଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ରେଳ ମାର୍ଗରେ ରେଳ ଚଳାଚଳ ଆରମ୍ଭ କରିସାରିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି । ଅବଶିଷ୍ଟ କାମ ଜାରି ରହିଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଝାରସୁଗୁଡ଼ା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ କ୍ଷେତ୍ରରେ ରେଳ ଯୋଗାଯୋଗରେ ସୁଧାର ଲାଗି ତାଳଚେର-ବିମଳାଗଡ଼ ନୂଆ ଲାଇନ୍ (୧୫୦ କିମି), ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ (୧୦୧ କିମି), ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କିମି), ସମ୍ବଲପୁର-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ (୧୨୭ କିମି), ନିର୍ଗୁଣ୍ଡି-ବିଜୟନଗରମ ତୃତୀୟ ଲାଇନ (୩୮୫କିମି) ସମେତ ମୋଟ୍ ୧୪ଟି ରେଳ ଲାଇନ ପ୍ରକଳ୍ପ, ଫ୍ଲାଇଓଭର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି।

ଶ୍ରୀ ବୈଷ୍ଣବ କହିଛନ୍ତି, ତାଳଚେର-ବିମଳାଗଡ଼ (୧୫୦ କିଲୋମିଟର) ନୂତନ ରେଳପଥ ଏକ ଅନୁମୋଦିତ ପ୍ରକଳ୍ପ। ପ୍ରକଳ୍ପର ମୂଲ୍ୟ ୧,୯୨୮ କୋଟି ଟଙ୍କା ହୋଇଥିବା ବେଳେ ମାର୍ଚ୍ଚ ୨୦୨୫ ସୁଦ୍ଧା ଏଥିପାଇଁ ୧୬୪୬ ଟଙ୍କା କୋଟି ଖର୍ଚ୍ଚ ହୋଇଛି। ବର୍ତ୍ତମାନ ସୁଦ୍ଧା, ମୋଟ ଆବଶ୍ୟକ ୮୫୮.୬୪ ହେକ୍ଟର ଜମି କ୍ଷେତ୍ରଫଳରୁ ୭୫୧.୫୭ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ଉପଲବ୍ଧ ଜମିରେ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ନଭେମ୍ବର ୨୦୨୫ ସୁଦ୍ଧା ୩୪ କିଲୋମିଟର ସେକ୍ସନ (ତାଳଚେର-ପାରାବିଲ) କାର୍ଯ୍ୟକ୍ଷମ କରାଯାଇଛି। ଅବଶିଷ୍ଟ ସେକ୍ସନଗୁଡ଼ିକର କାର୍ଯ୍ୟ ମଧ ଆରମ୍ଭ ହୋଇଛି।

### ରେଳ ନିରାପତ୍ତା ବଜେଟ ୨୦୧୩-୧୪ରେ ୩୯,୪୬୩ କୋଟିରୁ ବୃଦ୍ଧି ପାଇ ୨୦୨୫-୨୬ରେ ୧,୧୬,୪୭୦ କୋଟିରେ ପହଞ୍ଚିଛି

## କୁହୁଡ଼ି ସୁରକ୍ଷା ଉପକରଣ ୨୮ ଗୁଣ ଯଥା ୨୦୨୫ ରେ ୨୫,୯୩୯କୁ ବୃଦ୍ଧି ପାଇଛି: ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ (ପିଆଇବି):** ଗତ ଚାରି ମାସରେ ୨୧ଟି ଷ୍ଟେସନରେ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଏବଂ ଟ୍ରାକ୍-ସର୍କିଟିଂ ସମାପ୍ତ ହୋଇଛି ରେଳ ଚଳାଚଳ କ୍ଷେତ୍ରରେ ନିରାପତ୍ତା ବୃଦ୍ଧି ପାଇଁ ଭାରତୀୟ ରେଳବାଇ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏହାର ଫଳସ୍ୱରୂପ ୨୦୧୪-୧୫ରେ ରେଳ ଦୁର୍ଘଟଣା ସଂଖ୍ୟା ୧୩୫ ଥିବାବେଳେ ୨୦୨୪-୨୫ ସୁଦ୍ଧା ଏହା ୩୧କୁ ହ୍ରାସ ପାଇଛି । ସେହିପରି ୨୦୦୪-୧୪ ମଧ୍ୟରେ ମୋଟ ୧୭୧୧ଟି ରେଳ ଦୁର୍ଘଟଣା ହୋଇଥିଲା ଅର୍ଥାତ ବାର୍ଷିକ ହାରାହାରି ୧୭୧ଟି ଦୁର୍ଘଟଣା ହୋଇଥିଲା । ଏହା ୨୦୨୪-୨୫ ସୁଦ୍ଧା ଏହା ୩୧କୁ ଓ ୨୦୨୫-୨୬ରେ ନଭେମ୍ବର ସୁଦ୍ଧା ମାତ୍ର ୧୧କୁ ହ୍ରାସ ପାଇଛି । ଭାରତୀୟ ରେଳବାଇରେ ସୁରକ୍ଷା ଓ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । ରେଳ ପ୍ରଶାସନ ଦ୍ୱାରା ଯେକୌଣସି ଅସ୍ୱାଭାବିକ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି । କୌଣସି ତ୍ରୁଟିର ବୈଷୟିକ କାରଣ ବ୍ୟତୀତ ଅନ୍ୟ କାରଣ ସଂନ୍ଦେହ କରାଗଲେ ରାଜ୍ୟ ପୁଲିସର ସହାୟତା ନିଆଯାଉଛି । କିଛି କ୍ଷେତ୍ରରେ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ର ସହାୟତା ମଧ ନିଆଯାଏ। ତଥାପି, ପ୍ରାଥମିକ ତଦନ୍ତ ରାଜ୍ୟ ପୋଲିସ ମାଧ୍ୟମରେ ହୋଇଥାଏ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ଅପରାଧିକ କାର୍ଯ୍ୟକଳାପର ତଦନ୍ତ, ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ରେଳବାଇ ଭିତ୍ତିଭୂମି ଯେପରିକି ଟ୍ରାକ୍, ସେତୁ, ସୁଡ଼ଙ୍ଗ ଇତ୍ୟାଦିର ସୁରକ୍ଷା ଦାୟିତ୍ୱ ସହ ଏହା ମେଳ ଖାଉଛି । ୨୦୨୩ ଏବଂ ୨୦୨୪ରେ ରିପୋର୍ଟ ହୋଇଥିବା ସମସ୍ତ ରେଳବାଇ ଟ୍ରାକ୍ ଭଙ୍ଗା/ ହାଙ୍ଗାମା ଘଟଣାରେ ରାଜ୍ୟ ପୋଲିସ/ ଜିଆରପି ଏବଂ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ମାମଲା ପଞ୍ଜୀକୃତ କରାଯାଇଛି, ଏବଂ ତା'ପରେ ତଦନ୍ତ, ଦୋଷୀଙ୍କୁ ଗିରଫ ସହ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏପରି ଘଟଣାର ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଏବଂ ତଦାରଖ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ପୋଲିସ/ଜିଆରପି ସହିତ ଉତ୍ତମ ସମନ୍ୱୟ ପାଇଁ ରେଳବାଇ ଦ୍ୱାରା ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି । ରେଳବାଇ କର୍ମଚାରୀ, ଆରପିଏଫ, ଜିଆରପି ଏବଂ ସିଭିଲ୍ ପୋଲିସ ଦ୍ୱାରା ମିଳିତ ଭାବରେ ଚିହ୍ନଟ ହୋଇଥିବା ବ୍ଲାକସ୍ପଟ୍ ଏବଂ ସମ୍ବେଦନଶୀଳ ଅଂଶଗୁଡ଼ିକୁ ବାରମ୍ବାର ପାଟ୍ରୋଲିଂ କରାଯାଉଛି ।

No.: MM-365

### ନିଲାମ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ ଅଧିନରେ ଥିବା କାଜୁଜଙ୍ଗଲର କାଜୁବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁସାରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ନିଲାମ ଶେଷ ହେବାପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ଉପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ କଟକ ବନଖଣ୍ଡ କାର୍ଯ୍ୟାଳୟରୁ ବିଜ୍ଞାପନ ପ୍ରକାଶ ଦିନଠାରୁ ତା୦୮.୦୧.୨୦୨୬ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ଦିବା ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମିଳିପାରିବ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୦୯.୦୧.୨୦୨୬ | ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ କାର୍ଯ୍ୟାଳୟ | ଆଗ୍ରାହାଟ, ଚଣ୍ଡୀଖୋଲ, କାଳିଆମ୍ବା, ଜଲୁକା | ଦିବା ୧୧ ଘଟିକା |

OIPR- 08025/11/0018/2526

ସା/-
ବନଖଣ୍ଡ ଅଧିକାରୀ
କଟକ ବନଖଣ୍ଡ, କଟକ

MBA/25-26/0488

ମାତୃଭାଷା

# ଖେଳ ଖବର



## ୧୦୦ ଟଙ୍କାରେ ଟି-୨୦ ବିଶ୍ୱକପ ଟିକେଟ୍

**ନୂଆଦିଲ୍ଲୀ,୧୨।୧୨:** ଓଡଉ ପୁରୁଷ ଟି-୨୦ ବିଶ୍ୱକପର ୧୦ମ ସଂସ୍କରଣ ଫେବୃଆରୀ ୭ ତାରିଖରେ ଆରମ୍ଭ ହେବ। ଏଥିରେ ଏକ ଗ୍ରୁପ ପର୍ଯ୍ୟାୟ, ଏକ ସୁପର ୮ ପର୍ଯ୍ୟାୟ ଏବଂ ଏକ ନକଆଉଟ ପର୍ଯ୍ୟାୟ ରହିବ। ୨୦ ଦଳ ମଧ୍ୟରେ ମୋଟ ୫୫ ଟି ମ୍ୟାଚ ଖେଳାଯିବ। ଏହି ଟୁର୍ନାମେଣ୍ଟ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ଆୟୋଜିତ ହେବ, ଯେତେବେଳେ ପାକିସ୍ତାନ ଶ୍ରୀଲଙ୍କାରେ ଏହାର ସମସ୍ତ ମ୍ୟାଚ ଖେଳିବ। ଭାରତରେ ମ୍ୟାଚ ପାଇଁ ଟିକେଟ ୧୦୦ଟଙ୍କାରୁ ଆରମ୍ଭ ହେଉଛି, ଯେତେବେଳେ ଶ୍ରୀଲଙ୍କାରେ ମ୍ୟାଚ ପାଇଁ ସବୁଠାରୁ ଶସ୍ତା ଟିକେଟ ପ୍ରାୟ ୩୦୦। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଏକ ବିବୃତ୍ତିରେ କହିଛି, ଆଇସିସି ଆଜି ପୁରୁଷ ଟି-୨୦ ବିଶ୍ୱକପ ପାଇଁ ଟିକେଟ ବିକ୍ରୟ ଆରମ୍ଭ ଘୋଷଣା କରିଛି, ଏହି ପ୍ରମୁଖ ଇଭେଣ୍ଟକୁ ଅଧିକ ସୁଗମ କରିବା ପାଇଁ ପ୍ରାରମ୍ଭିକ ଟିକେଟ ମୂଲ୍ୟ କମ ମୂଲ୍ୟରେ ସ୍ଥିର କରାଯାଇଛି। ବିକ୍ରୟ ୬:୪୫ ରେ ଆରମ୍ଭ ହେବ, ଏବଂ ଭାରତର କିଛି ସ୍ଥାନରେ ମୂଲ୍ୟ ମାତ୍ର ୧୦୦ ଏବଂ ଶ୍ରୀଲଙ୍କାରେ ପ୍ରାୟ ୩୦୦ରୁ ଆରମ୍ଭ ହେବ। ପ୍ରଶଂସକମାନେ କ୍ରିକେଟ ବିଶ୍ୱକପ ୱେବସାଇଟ (https://tickets.cricketworldcup.com) ପରିଦର୍ଶନ କରି କିମ୍ବା ସିଧାସଳଖ BookMyShow ୱେବସାଇଟ କିମ୍ବା ଆପ ମାଧ୍ୟମରେ ଟିକେଟ୍ ବୁକ୍ କରିପାରିବେ।



## ଅଣ୍ଡର ୧୯ ଏସିଆ କପ୍‌ରେ ବୈଭବଙ୍କ ବିଧ୍ୱଂସୀ ଶତକ

**ନୂଆଦିଲ୍ଲୀ, ୧୨।୧୨:** ବୈଭବ ସୂର୍ଯ୍ୟବଂଶୀ। ଗୋଟିଏ ନାଁ ନୁହେଁ, ବ୍ରାଣ୍ଡ। କ୍ରିକେଟ ଜଗତରେ ବୈଭବ ସୂର୍ଯ୍ୟବଂଶୀ ବଡ଼ ବଡ଼ ସ୍କୋର ସହ ଆଗକୁ ଆଗକୁ ମାଡ଼ି ଚାଲିଛନ୍ତି। କ୍ରିଜକୁ ଆସିଲା ମାତ୍ରେ ଗର୍ଜନ କରୁଛି ବୈଭବଙ୍କ ବ୍ୟାଟ। ଧୂଆଁଧାର ବ୍ୟାଟିଂ, ଶତକ ପରେ ଶତକ କରି ଖେଳପ୍ରେମୀଙ୍କୁ ବିମୋହିତ କରୁଛନ୍ତି ବୈଭବ। ୧୯ ବର୍ଷରୁ କମ୍ ଏସିଆ କପ୍ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚ୍ରେ ୟୁଏଇକୁ ଭେଟିଥିଲା ଭାରତ। ଏହି ମ୍ୟାଚରେ ପୁଣି ଥରେ ନିଜର ବିଶ୍ୱରୂପ ଦେଖାଇଛନ୍ତି ବୈଭବ। ରୋମାଞ୍ଚକର ଶତକ କରି କ୍ରିକେଟ୍ ଜଗତକୁ ନିଜ ଆଡ଼କୁ ପୁଣି ଥରେ ସେ ଆକର୍ଷିତ କରିଛନ୍ତି।

ଦୁବାଇରେ ଆଜି (ଶୁକ୍ରବାର) ଅନୁଷ୍ଠିତ ଏସିଆ କପ୍ର ପ୍ରଥମ ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀ ୩୦ ବଲରେ ୫୦ ରନ୍ କରିଥିଲେ। ଆଉ ୨୬ ରନ୍ରେ ୫୦ ରନ୍ କରିବା ସହ ଶତକ ପୂରା କରିଥିଲେ ବୈଭବ। ସେ ମାତ୍ର ୮୪ ବଲରେ ୧୫୦ ରନ୍ ଅତିକ୍ରମ କରିଥିଲେ। ଆଜିର ଏହି ମ୍ୟାଚରେ ବୈଭବ ମୋଟ ୧୭୧ ରନ୍ କରିଥିଲେ। ଏହି ସମୟରେ ସେ ୧୪ଟି ଛକା ଏବଂ ୯ଟି ଚୌକା ମାରିଥିଲେ। ୧୮୦ ଷ୍ଟ୍ରାଇକ୍ ରେଟରେ ଖେଳି ସମସ୍ତଙ୍କୁ ଆଶ୍ଚର୍ଯ୍ୟ

**• ୧୪ ଛକା, ୯ ଚୌକା ସହ ୯୫ ବଲ୍‌ରେ ୧୭୧ ରନ୍**

**• ୨୩୪ ରନ୍‌ରେ ଜିତିଲା ଭାରତ**

କରିଦେଇଛନ୍ତି ୧୪ ବର୍ଷୀୟ ଖେଳାଳି। ସେପଟେ ୧୯ ବର୍ଷରୁ କମ୍ ଟିମରେ ଗୋଟିଏ ମ୍ୟାଚରେ ଏତେ ସଂଖ୍ୟକ ଛକା ମାରିବାର ରେକର୍ଡ ମଧ୍ୟ ନିଜ ନାଁରେ କରିଛନ୍ତି ବୈଭବ।

ଆଜିର ମ୍ୟାଚରେ ବୈଭବ ଆରୋନ ଜର୍ଜ(୫୭)ଙ୍କ ସହ ମିଶି ଦ୍ୱିତୀୟ ୱିକେଟ୍ ଲାଗି ୨୧୨ ରନ୍ ଯୋଡ଼ିଥିଲେ। ଦଳ ୩୦ ଓଭର ଶେଷ ସୁଦ୍ଧା ୨୫୦ ରନ୍ ଅତିକ୍ରମ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୪୩୩ ରନର



ବିଶାଳ ସ୍କୋର କରିଥିଲା। ଭାରତୀୟ ବ୍ୟାଟର ୪୩୩ ରନ କରିବା ସମୟରେ ୨୦ଟି ଛକା ଏବଂ ୩୧ଟି ଚୌକା ମାରିଥିଲେ। ବୈଭବ ସୂର୍ଯ୍ୟବଂଶୀ ଏକା ୧୪ଟି ଛକା ମାରିଥିଲେ ଏବଂ ସେ ୧୭୧ ରନ କରି ଆଉଟ ହୋଇଥିଲେ। ବିହାନ ମାଲହୋତ୍ରା ମଧ୍ୟ ୬୯ ରନର ଚମତ୍କାର ଇନିଂସ ଖେଳିଥିଲେ। ବେଦାନ୍ତ ତ୍ରିବେଦୀ ୩୮ ରନ କରିଥିଲେ ଏବଂ ଅଭିଜ୍ଞାନ କୁଣ୍ଡୁ ଟିମ୍ ଇଣ୍ଡିଆକୁ ୪୦୦ ଅତିକ୍ରମ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। କୁଣ୍ଡୁ ୧୭ ବଲ୍ ରେ ୩୨ ରନ କରି ଅପରାଜିତ ରହିଥିଲେ। ଅଭିଜ୍ଞାନ କୁଣ୍ଡୁଙ୍କ ବ୍ୟତୀତ କନିଷ୍କ ଚୌହାନ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ ଏବଂ ୧୨ ବଲରେ ୨୮ ରନ କରିଥିଲେ।

ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର କରିଛି। ୧୯ ବର୍ଷରୁ କମ୍ ଦିନିକିଆ ମ୍ୟାଚରେ ଭାରତର ପୂର୍ବରୁ ସର୍ବାଧିକ ସ୍କୋର ଥିଲା ୪୨୫, ଯାହା ୨୦୦୪ରେ ସ୍କଟଲାଣ୍ଡ ବିପକ୍ଷରେ କରିଥିଲା। ଟିମ୍ ଇଣ୍ଡିଆ ଏବେ ୪୩୩ ସଂଗ୍ରହ କରିଛି। ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟରେ ସର୍ବାଧିକ ସ୍କୋର ହେଉଛି ୪୮୦। ୨୦୦୨ରେ ଅଷ୍ଟ୍ରେଲିଆ କେନିଆ ବିପକ୍ଷରେ କରିଥିଲା। ନ୍ୟୁଜିଲାଣ୍ଡ ୨୦୧୮ରେ କେନିଆ ବିପକ୍ଷରେ ୪୩୬ ସ୍କୋର କରିଥିଲା। ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ଆଜିର ମ୍ୟାଚରେ ସମସ୍ତଙ୍କ ନଜର ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ରହିଥିଲା। ଏହା ପୂର୍ବରୁ ଇଣ୍ଡିଆର ରାଇଜିଂ ଷ୍ଟାର ଏସିଆ କପରେ ମଧ୍ୟ କମାଲ କରିଥିଲେ ବୈଭବ। ୟୁଏଇ ବିପକ୍ଷରେ ସେ ୧୪୪ ରନ୍ କରିଥିଲେ। ଇନିଂସରେ ୬୦ ରନ୍ ଆଭରେଜରେ ୨୩୯ ରନ୍ କରିଥିଲେ ବୈଭବ। ସେହିଭଳି ସୟଦ ମୁସ୍ତାକ ଅଲି ଟୁର୍ଣ୍ଣାମେଣ୍ଟରେ ବିହାର ପକ୍ଷରୁ ଖେଳୁଥିଲେ ସେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ମହାରାଷ୍ଟ୍ର ବିପକ୍ଷରେ ଅପରାଜିତ ୧୦୮ ରନ୍ କରିଥିଲେ।

ଜବାବରେ ୟୁଏଇ ୫୦ ଓଭରରେ ୭ ୱିକେଟ୍ ହରାଇ ୧୯୯ ରନ୍ କରି ୨୩୪ ରନ୍‌ରେ ପରାଜୟ ବରଣ କରିଥିଲା।

## ଅବସରରୁ ୟୁ-ଟର୍ଣ୍ଣ ନେଲେ ଫୋଗଟ

*ଭିନେଶ ଫୋଗଟ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ତାଙ୍କ ପ୍ରଶଂସକଙ୍କ ସହ ଏହି ଅପଡେଟ୍ ସେୟାର କରିଛନ୍ତି। ତାଙ୍କର ନଜର ଏବେ ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ ଗେମ୍ସ ଉପରେ ରହିଥିବା ଜଣାପଡିଛି।*

**ନୂଆଦିଲ୍ଲୀ,୧୨।୧୨:** ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଅବସର ଘୋଷଣା କରିଥିବା ବେଳେ ବର୍ତ୍ତମାନ ୟୁ-ଟର୍ଣ୍ଣ କରିଛନ୍ତି। ଚଳିତ ବର୍ଷ ଅଗଷ୍ଟ ମାସରେ ଭିନେଶ ଫୋଗଟ ଖେଳରୁ ଦୂରେଇ ଯାଇ ରାଜନୀତିରେ ପ୍ରବେଶ କରିଥିଲେ। ଏନେଇ ଭିନେଶ ଫୋଗଟ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ତାଙ୍କ ପ୍ରଶଂସକଙ୍କ ସହ ଏହି ଅପଡେଟ୍ ସେୟାର କରିଛନ୍ତି। ତାଙ୍କର



ନଜର ଏବେ ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ ଗେମ୍ସ ଉପରେ ରହିଥିବା ଜଣାପଡିଛି।

ଭିନେଶ ଫୋଗଟଙ୍କ ପ୍ରତ୍ୟାବର୍ତ୍ତନ ଘୋଷଣା- ଭିନେଶ ଫୋଗଟ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, "ଲୋକମାନେ ପ୍ରାୟତଃ ମୋତେ ପଚାରନ୍ତି ଯେ ପ୍ୟାରିସ ମୋର ଶେଷ ଯାତ୍ରା ଥିଲା କି? ମୋ ପାଖରେ ବହୁତ ଦିନ ଧରି ଏହି ପ୍ରଶ୍ନର ଉତ୍ତର ନାହିଁ। ବର୍ଷ ବର୍ଷ ପରେ ପ୍ରଥମ ଥର ପାଇଁ, ମୁଁ ଏକ ଗଭୀର ନିଶ୍ୱାସ ନେଇଥିଲି। ମୋର କାର୍ଯ୍ୟଭାର, ଜୀବନର ଉତ୍ଥାନ-ପତନ, ତ୍ୟାଗ, ମୋର ସେହି ଦିଗଗୁଡ଼ିକୁ ବୁଝିବା ପାଇଁ ମୁଁ କିଛି ସମୟ ନେଇଥିଲି ଯାହା ବିଶ୍ୱ କେବେ ଦେଖିନାହିଁ। ମୁଁ ଏବେ ବି ଖେଳକୁ ଭଲ ପାଏ। ମୁଁ ଏବେ ବି ପ୍ରତିଯୋଗିତା କରିବାକୁ ଚାହୁଁଛି।"

ଭିନେଶ ଫୋଗଟ ଆହୁରି ଲେଖିଛନ୍ତି, "ନିରବତା ମଧ୍ୟରେ, ମୁଁ ଏପରି କିଛି ପାଇଲି ଯାହାକୁ ମୁଁ ଭୁଲି ଯାଇଥିଲି: ନିଆଁ କେବେ ଲିଭିଯାଏ ନାହିଁ। ଏହା କେବଳ କ୍ଳାନ୍ତି ଏବଂ ଶବ୍ଦ ତଳେ ପୋତି ହୋଇଗଲା। ଶୃଙ୍ଖଳା, ନିତ୍ୟକର୍ମ, ଲଢ଼େଇ... ଏହା ମୋ ସିଷ୍ଟମରେ ସ୍ଥାପିତ। ତେଣୁ ମୁଁ ଏଠାରେ ଅଛି, ଏକ ନିର୍ଭୀକ ହୃଦୟ ଏବଂ ଏକ ଆତ୍ମା ସହିତ ଯାହା ମୁଣ୍ଡ ନୁଆଁଇବାକୁ ମନା କରେ, ଖେଇ୨୮ ଆଡକୁ ଫେରିଯାଏ। ଏଥର, ମୁଁ ଏକା ଚାଲୁନାହିଁ; ମୋ ପୁଅ ମୋ ଦଳରେ ଯୋଗ ଦେଉଛି, ମୋର ସବୁଠାରୁ ବଡ଼ ପ୍ରେରଣା, ୨୦୨୮ ଅଲିମ୍ପିକ୍ସର ଏହି ପଥରେ ମୋର ଛୋଟ ଚିୟରଲିଡର।"

## ପରାଜୟ ପରେ ଦୋଷ ସ୍ୱୀକାର କଲେ ସୂର୍ଯ୍ୟ

**ନୂଆଦିଲ୍ଲୀ,୧୨।୧୨:** ପ୍ରଥମ ଟି-ଟ୍ୱେଣ୍ଟିରେ ବଡ଼ ବିଜୟ ଦ୍ୱିତୀୟ ମ୍ୟାଚରେ ପାଣିଚିଆ ହୋଇଛି। ବାରବାଟୀର ବିଜୟ ଚଣ୍ଡିଗଡ଼ରେ ଫିକା ପଡିଯାଇଛି। ଦ.ଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟି ମୁକାବିଲାରେ ୫୧ ରନରେ

**• କହିଲେ- ପିଚ୍ ଅନୁସାରେ ବୋଲିଂ କରିନଥିଲେ ବୋଲର**

**• ଶୁବମନଙ୍କୁ ମଧ୍ୟ କଲେ ଦାୟୀ**

ପରାସ୍ତ ହୋଇଛି ଟିମ୍ ଇଣ୍ଡିଆ। ବର୍ତ୍ତମାନ ୫ ମ୍ୟାଚ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ ୧-୧ରେ ବରାବର ରହିଛି। ପରାଜୟ ପରେ ଦୋଷ ସ୍ୱୀକାର କରିଛନ୍ତି କ୍ୟାପଟେନ ସୂର୍ଯ୍ୟକୁମାର ଯାଦବ। କଣ କରିବାର ଥିବା କହିବା ସହ ଭାଇସ୍ କ୍ୟାପଟେନ ଶୁଭମନ ଗିଲଙ୍କୁ ମଧ୍ୟ ଦାୟୀ କରିଛନ୍ତି।

ପ୍ରଥମ ବ୍ୟାଟିଂ କରି ଦ.ଆଫ୍ରିକା ୪ ୱିକେଟ ହରାଇ ୨୧୩ରନ ବିରାଟ ସ୍କୋର



କରିଥିଲା। ଡି.କକ୍ କ୍ୱିଣ୍ଟନ ୯୦ରନର ପାଳି ଖେଳିଥିଲେ। ୨୧୪ରନର ଟାର୍ଗେଟ ପିଛା କରି ଭାରତ ୧୬୨ରନରେ ଅଲଆଉଟ ହୋଇଥିଲା। ୫୧ରନର ବିଜୟ ହାସଲ କରି ସିରିଜ ବରାବର କରିଛି ଭ୍ରମଣକାରୀ ଦଳ। ଏହି ପରାଜୟ ନେଇ ୫ ରନ କରିଥିବା କ୍ୟାପଟେନ ସୂର୍ଯ୍ୟକୁମାର କହିଛନ୍ତି, ଆମେ ପ୍ରଥମେ ବୋଲିଂ କରିଥିଲୁ ଏବଂ ଅଧିକ କିଛି କରିପାରିଲୁ ନାହିଁ। ଆମେ କମବ୍ୟାକ କରିବାର ଥିଲା। ଆମେ ବୋଲିଂ କରିଥିଲୁ ଏବଂ ପରେ ସେମାନଙ୍କୁ ଅନୁଭବ ହୋଇଥିଲା କି ୱିକେଟ ଉପରେ ଲେନ୍ଥ କେତେ ଗୁରୁତ୍ୱପୂର୍ଣ୍ଣ। ଏହା ଶିଖିବା ପ୍ରାଣାଳୀ ଥିଲା। କେବଳ ଶିଖ ଏବଂ ଆଗକୁ ବଢ। ଆମ ପ୍ଲାନ କାମ କଲାନାହିଁ। ଏଥିରୁ ଶିଖିବାକୁ ମିଳିଛି କି ଦ୍ୱିତୀୟ ପାଳିରେ କିପରି ବୋଲିଂ କରାଯିବ। ଆଗାମୀ ମ୍ୟାଚରେ ଏ ଦିଗରେ କାମ କରିବାକୁ ଚେଷ୍ଟା କରିବୁ।'

## ଜିଲ୍ଲାସ୍ତରୀୟ ଆଥେଲେଟିକ ପ୍ରତିଯୋଗିତା

**ଜୟପୁର, ୧୨।୧୨:** ଜିଲ୍ଲା ସ୍ତରୀୟ ପରବ ୨୦୨୫ ନିମନ୍ତେ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଜିଲ୍ଲା ସ୍ତରୀୟ ଅଥେଲେଟିକ ମିଟ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାରେ ବିଭିନ୍ନ ବ୍ଲକ ଓ ପୌରାଂଚଳରୁ ଚୟନ ହୋଇ ଆସିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆଜି ବାଳକ ମାନଙ୍କ ୧୦୦ ମିଟର ଦୌଡରେ ଜୟପୁର ବ୍ଲକର ଅଶୋକ କୁମାର ବେହେରା ପ୍ରଥମ, ଜୟପୁର ବ୍ଲକର ସୁମନ ଲୁଦୁଲି ଦ୍ୱିତୀୟ ଓ କୋରାପୁଟ ବ୍ଲକର ରାଜା ଟାକ୍ରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳିକା ୧୦୦ ମିଟର ଦୌଡରେ କୋରାପୁଟ ବ୍ଲକର ଜାନକୀ ଚାଲାଣ ପ୍ରଥମ, ସୁନେବାଡାର ରାଣି ପାଣି ଦ୍ୱିତୀୟ ଓ ନାରାୟଣପାଟଣାର ରଞ୍ଜିତା ମାଣ୍ଡିଙ୍ଗି ତୃତୀୟ, ୨୦୦ ମିଟର ବାଳକ ମଧ୍ୟରେ କୁନ୍ଦୁରାର ଧନରାଜ ମୁଦୁଲି ପ୍ରଥମ, ଜୟପୁରର ଜୋହନ ହରଜନ ଦ୍ୱିତୀୟ,ନରାୟଣପାଟଣାର ରାହୁଲ ବ୍ୱାଟେକା ତୃତୀୟ,ବାଳିକା ୨୦୦ ମିଟର ଦୌଡରେ ନାରାୟଣପାଟଣା ରଞ୍ଜିତା ମାଡିଙ୍ଗୀ ପ୍ରଥମ, କୋଟପାଡର ଲକ୍ଷ୍ମୀ ନାୟକ ଦ୍ୱିତୀୟ ଓ ଜୟପୁରର ଦୟାମଣୀ ହରିଜନ ତୃତୀୟ, ବାଳକ ୪୦୦ ମିଟର ଦୌଡରେ ଜୟପୁରର ଦିଲ୍ଲିପ ଖରା ପ୍ରଥମ, ସୁନାବେଡାର ଡୁମାରୀ ଦୂର୍ଯ୍ୟଧନ ଦ୍ୱିତୀୟ, କୋଟପାଡର ଦେବରାଜ ବିଦାର ତୃତୀୟ,ବାଳିକା ୪୦୦ ମିଟର ଦୌଡରେ ଜୟପୁରର ଦୟାମଣୀ ହରିଜନ ପ୍ରଥମ, ସୁନେବେଡାର ଅଞ୍ଜଳି ତାଡିଙ୍ଗି ଦ୍ୱିତୀୟ ଓ କୋଟପାଡର ସୁକାନ୍ତି କିର୍ଶାନୀ ତୃତୀୟ, ବାଳକ ୮୦୦ ମିଟର ଦୌଡରେ ଜୟପୁରର ଦିଲ୍ଲିପ ଖରା ପ୍ରଥମ, କୁନ୍ଦୁରାର ସନ୍ତୋଷ ପରଜା ଦ୍ୱିତୀୟ, ଜୟପୁରର ଲକ୍ଷ୍ମଣ ପେଣ୍ଟିଆ ତୃତୀୟ,ବାଳିକା ୮୦୦ ମିଟର ଦୌଡରେ ଜୟପୁରର ଦୟାମଣୀ ହରିଜନ ପ୍ରଥମ, ସୁନେବେଡାର ଅଞ୍ଜଳୀ ତାଡିଙ୍ଗି ଦ୍ୱିତୀୟ , ଦଶମନ୍ତପୁରର ଜମୁନା ମୁଦୁଲୀ ତୃତୀୟ ହୋଇଛନ୍ତି। ବାଳକ ଲମ୍ବଡିଆଁରେ କୋରାପୁଟର ବଳରାମ ଗୋଲରୀ ପ୍ରଥମ, ଜୟପୁରର ସୁମନ ମୁଦୁଲି ଦ୍ୱିତୀୟ, ପଟାଙ୍ଗୀର ବଳନ୍ତା ଗୋଲରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳିକା ଲମ୍ବଡିଆଁରେ ସୁନେବାଡାର ରାଣି ପାଣି ପ୍ରଥମ, ସୁନାବେଡାର ଲିପି ମାଣ୍ଡିଙ୍ଗି ଦ୍ୱିତୀୟ ଓ କୁନ୍ଦୁରାର ଜିନା ଗୁନଗା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳକ ଉଚ୍ଚ ଡିଆଁରେ ଜୟପୁରର ସୁମନ ମୁଦିଲି, ପଟାଙ୍ଗୀର ବଳନ୍ତ ଗଲୋରୀ ଦ୍ୱିତୀୟ, ଜୟପୁରର ଅଭି ଗୋଲରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଉପଖଣ୍ଡସ୍ତରୀୟ ଚଇତି ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଘାଟିତ

**ରାୟଗଡା, ୧୨।୧୨ (ମାନିସ):** ରାୟଗଡା ଜିଲ୍ଲା ଗୁଣପୁର ଠାରେ ଉପଖଣ୍ଡସ୍ତରୀୟ ଚଇତି ଇଡ଼ତାଲ ମୋହସ୍ତବ ଅବସରରେ ଶୁକ୍ରବାର ଦିନ ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ଉଦଘାଟନ ହୋଇଯାଇଛି। ଏହି

**୫୦ ଦଳଙ୍କ ଅଂଶଗ୍ରହଣ**

ପ୍ରତିଯୋଗିତାକୁ ଉପ ଜିଲ୍ଲାପାଳ ଅଭିଷେକ ଦିଲ୍ଲିପ ଦୁଧାଲ, ଗୁଣପୁର ପୌର ଅଧକ୍ଷା ମମତା ଗୌଡ଼, ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା, ଜିଆଇସିଏମଏସ ଶିକ୍ଷାନୁଷ୍ଠାନର ଅଧକ୍ଷ ଅକ୍ଷୟ କୁମାର ଦାଶ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ ଗଣପତି , ପଦ୍ମପୁର ବିଡ଼ିଓ କୁରେଶୁ ଯାନୀ,ଏଚଡିଏଫସି ବ୍ୟାଙ୍କ ପରିଚାଳକ ଦିଲ୍ଲିପ ପଣ୍ଡା ,ସୌମ୍ୟ ଦାଶ ପ୍ରମୁଖ ମିଳିତ ଭାବେ ଉଦଘାଟନ କରିଥିଲେ। କ୍ରୀଡ଼ାବିତ ସପନ ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥିମାନେ ଖେଳାଳି ମାନଙ୍କୁ ଶୃଙ୍ଖଳାର ସହ ଖେଳୁଆଡ଼ ମନଭାବ



ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ବର୍ଗର ମୋଟ ୫୦ ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ୪ ଟି ବାଳିକା ଦଳ ରହିଛନ୍ତି। ଏହି ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ତିନି ଦିନ ଧରି ଚାଲିବ ବୋଲି ଚଇତି କ୍ରୀଡା ଉପ କମିଟିର ଅଧକ୍ଷ ତଥା ଗୁଣପୁର ବିଡ଼ିଓ ସ୍ୱସ୍ତିକ ଜମାଦାର ସୂଚନା ଦେଇଛନ୍ତି। ଆଜି ଅନୁଷ୍ଠିତ ପ୍ରତିଯୋଗିତା ଗୁଡିକୁ ବ୍ୟାଡ ମିଣ୍ଟନ କୋଚ ଡି ମାଣିକାଣ୍ଟା,ସିଦ୍ଧାର୍ଥ ଖାଡଙ୍ଗା, ନମିତା ରଥ,ଅଲିଭା ଜ୍ୟୋତି ଦେ, ନନ୍ଦିନୀ ପଣ୍ଡା, ଜୟକୃଷ୍ଣ ପାତ୍ର,ଶଙ୍କର୍ଷଣ ମହାନ୍ତି, ଗଣେଶ ମହାପାତ୍ର, କମଳାକାନ୍ତ ଖୁଣ୍ଟିଆ, ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା,ରବିନ୍ଦ୍ର କୁମାର ପଣ୍ଡା,ଦିଲ୍ଲୀପ ପଣ୍ଡା, ପ୍ରଦୀପ କୁମାର ପାତ୍ର,ଲୋକ ସମ୍ପର୍କ ବିଭାଗର ଅନନ୍ତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସର୍ବ ଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ୪୦ ଟିମ୍ ଭାଗନେବେ

**ବାରଙ୍ଗ, ୧୨।୧୨ (ମାନିସ):** ଭୁବନେଶ୍ୱର ଉପକଣ୍ଠ ଗଣ୍ଡରପୁର ଠାରେ ସର୍ବ ଭାରତୀୟ ସ୍ତରରେ ୧୪.୧୨.୨୦୨୫ରିଖ ଠାରୁ ତର ୨୧.୧୨.୨୦୨୫ ରିଖ ପର୍ଯ୍ୟନ୍ତ ସର୍ବ ଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣାମେଣ୍ଟ ଗଣ୍ଡରପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ ଠାରେ ଆରମ୍ଭ ହେବାକୁ ଯାଉଅଛି। ପ୍ରତିବର୍ଷ ଭଳି ଗ୍ରାମାଞ୍ଚଳ-ବି ଡ଼ିଭିଜନ୍‌ରେ ବାରଙ୍ଗ ବାୟାର, ନଟି-୮, ସାଇଁଶୋ, ଅଡଶପୁର, ଟାଙ୍ଗିଚନ୍ତ, ଦେଉଳୀ-୪୨ ମୌଜା, ଆମଣ, ଉରାଳୀ, ତଣ୍ଡିକଣା, ଗାଡ଼କଣ, ନରିଶୋ-କଣ୍ଟାପଡ଼ା, ଉତ୍ତମପୁର, ବୋଧପୁର, ଇସ୍‌ଲାମଚାନ୍ଦ, ଗବବସ୍ତ ଓ ସିଆରଆରଆଇ ପ୍ରଭୃତି ଫୁଟ୍‌ବଲ ଟିମ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ମୋଟ ସହରା ଳର




ଚଳିତ ବର୍ଷ ଏହି ଟୁର୍ଣାମେଣ୍ଟକୁ ୩ଟି ବିଭାଗରେ ବିଭକ୍ତ କରାଯାଇଅଛି। ସହରାଞ୍ଚଳ ବିଭାଗରେ ଓଡ଼ିଶାରୁ ୬ଟି ଏବଂ ଓଡ଼ିଶା ବାହାରୁ ୨ ଗୋଟି ଦଳ ଭାଗ ନେଇଛନ୍ତି। ଯଥା; ଓଡ଼ିଶାର ସନ୍‌ରାଇଜ କ୍ଲବ୍-କଟକ, ଜଗା ୟୁନାଇଟେଡ୍-ଭୁବନେଶ୍ୱର, ଓଡ଼ିଶା ପୋଲିସ୍, ସୁରଜ୍ ଏଫ୍‌ସି-ଫୁଲବାଣୀ, ସମଲେଶ୍ୱରୀ ସ୍ପୋର୍ଟି ସମ୍ବଲପୁର, ମଙ୍ଗଳା କ୍ଲବ-ଢ଼େଙ୍କାନାଳ, ରାଜ୍ୟ ବାହାରୁ କୋଲାଘାଟ କ୍ଲବ୍ -କଲିକତା ଏବଂ ସିନ ଏଫସି-ବିହାର ଦଳ ଯୋଗ ଦେବେ। ଗ୍ରାମାଞ୍ଚଳ-ଏ ଡ଼ିଭିଜନ୍‌ରେ ବଜରଙ୍ଗବାଲି କ୍ଲବ- ଘାଟିକିଆ, ଭୁବେଶ୍ୱର, ସିଜିୟୁ ୟୁନିଭରସିଟି, ମା' ମଙ୍ଗଳା କ୍ଲବ୍-ଗୋଠପୁର, ୟୁନିଭରସାଲ କ୍ଲବ୍-ଜୁରାଙ୍ଗ, ପୁରଣ ଏଫ୍‌ସି, ମୁଣ୍ଡୁମାଣ ଏଫ୍ସି, ସୁପ୍ରିମ କ୍ଲବ-ବରାହିପୁର, ମହାବୀର କ୍ଲବ୍-ନରଣପୁର, ବନ୍‌ମହାବୀର କ୍ଲବ୍ ଜୟୀପୁର, ମଦରମୋହନ ସ୍ପୋର୍ଟି – ଉଷୁମା, ସ୍ୱର୍ଣଦେବୀ କ୍ଲବ୍-ବଉଳକୁଦ, ଗାଦିଶ୍ୱର କ୍ଲବ୍ – କୁଜିମହଲ, ପ୍ରତାପ କ୍ଲବ୍-ପ୍ରତାପନଗରୀ, ବେଲେଶ୍ୱର କ୍ଲବ୍-ବେଲଗଛିଆ, ଚମ୍ପାନାଗେଶ୍ୱର ସ୍କୁଲ୍-ପଦ୍ମକେଶରପୁର, ରାଜଧାନୀ ଷ୍ଟିଲ-ମଇନ୍ଦିପୁର, ଜଗତସିଂହପୁରର ଫୁଟ୍‌ବଲ ଟିମ୍ ଯୋଗଦେଇଥିଲା ବେଳେ ୮ଟି, ଗ୍ରାମାଞ୍ଚଳର ୩୨ ଟି ଟିମ୍ ଯୋଗ ଦେବେ। ପୁରସ୍କାର :-୧) ସହରାଞ୍ଚଳ – ଚମ୍ପିଆନ୍ ଦଳକୁ - ଟ୭୫,୦୦୦ /- ରନର୍ସ ଅଫ୍ ଦଳକୁ – ଟ୫୦,୦୦୦/- ସହରାଞ୍ଚଳର ସର୍ବଶ୍ରେଷ୍ଠ ଖେଳାଳୀକୁ - ଏକ ପଲ୍‌ସର ଗାଡ଼ି ପ୍ରଦାନ କରାଯିବ ।୨) ଗ୍ରାମାଞ୍ଚଳ-ଏ ଡ଼ିଭିଜନ୍ ଚମ୍ପିଆନ୍ ଦଳକୁ – ଟ୧,୦୦,୦୦୦/- ରନର୍ସ ଅଫ୍ ଦଳକୁ - ଟ୭୫,୦୦୦/ ଗ୍ରାମାଞ୍ଚଳ-ଏ ଡ଼ିଭିଜନ୍ ର ସର୍ବଶ୍ରେଷ୍ଠ ଖେଳାଳୀକୁ - ଏକ ପଲ୍ଲ୍ସର ଗାଡ଼ି ପ୍ରଦାନ କରାଯିବ ।୨) ଗ୍ରାମାଞ୍ଚଳ–ବି ଡ଼ିଭିଜନ୍‌ର ଚମ୍ପିଆନ୍ ଦଳକୁ – ଟ୪୦,୦୦୦/- ରନର୍ସ ଅଫ୍ ଦଳକୁ – ଟ୩୦,୦୦୦/ ଦିଆ ଜୀବ ଶୁକ୍ର ବାର ଦିନ ସନ୍ଧ୍ୟା ଏକ ଖବର ଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି ଗଣ୍ଡର ପୁର ଫୁଟବଲ ଟୁନାମେଣ୍ଟ ଆୟୋଜକ ଜ୍ଞାନରଞ୍ଜନ ରାଉତଙ୍କ ହିରୋକ୍ ଅନ୍ୟ ମାନଙ୍କ ମଧ୍ୟରେ ଲଛମନ ରାଉତ, ଗ୍ରାମ୍ୟକମିଟି ସଭାପତି ଭାସ୍କର ପଡ଼ିହାରି ଓ ସମ୍ପାଦକ ଜିତେନ୍ଦ୍ର ସେନାପତି, ଟୁର୍ଣାମେଣ୍ଟ ସମ୍ପାଦକ ମାନସ ରଞ୍ଜନ ପଡ଼ିହାରି,କାଶୀନାଥ ରାଉତ, ସୁକାନ୍ତ ରାଉତ, ବିଶ୍ୱନାଥ ବେହେରା, ବିଷ୍ଣୁ ପଡ଼ିହାରୀ, ଅଚ୍ୟୁତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୪୪ ବର୍ଷରେ ପାଦ ଥାପିଲେ ୟୁବରାଜ

**• ବ୍ରଡ୍‌ଙ୍କୁ ୬ ବଲ୍‌ରେ ୬ ଛକା ମାରିଥିଲେ**

**• ୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ**

**ନୂଆଦିଲ୍ଲୀ ୧୨।୧୨:** ଛକା..ଛକା...ଥକ୍କା। ଏକାଥରକେ ୬ଟା ଛକ୍କା। ସେ ସିକ୍ସର କିଙ୍ଗ, ସେ ବିଶ୍ୱବିଜେତା। ଏତିକି କହିଲେ ବି ମନକୁ ଆସେ ଗୋଟିଏ ନାମ। ପଞ୍ଜାବ ଦା ପୁତର। କ୍ରିକେଟ ଇତିହାସରେ ଅଲୋଡା ରେକର୍ଡ। ୟୁବରାଜ ସିଂହ। ଦିନିକିଆ ହେଉ କି ଟି-୨୦ ବ୍ୟାଟ୍ ଧରିଲେ ସେ ସବୁ ଫର୍ମାଟରେ କରନ୍ତି ରାଜ୍। ଟିମ ଇଣ୍ଡିଆ ପାଇଁ ସେ ଥିଲେ ସଙ୍କଟ ମୋଚକ। ବାମହାତୀ ବ୍ୟାଟରଙ୍କ ବ୍ୟାଟିଂ ଷ୍ଟାଇଲ୍ ହଜାଇଦିଏ ବୋଲରଙ୍କ ନିଦ। ଆଜି ହେଉଛି ସେହି ଲିଜେଣ୍ଡ କ୍ରିକେଟରଙ୍କ ଜନ୍ମଦିନ।

ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ ପୂର୍ବତନ ଭାରତୀୟ କ୍ରିକେଟର ୟୁବରାଜ ସିଂହ। ୧୨ ଡିସେମ୍ବର ୧୯୮୧ ମସିହାରେ ଚଣ୍ଡୀଗଡରେ ଜନ୍ମ। ୪୪ ବର୍ଷରେ ପାଦ ଥାପିଛନ୍ତି ୟୁବି। ୟୁବରାଜ ସେହି ଖେଳାଳି ଯିଏ ଟି-୨୦ ଆଉ ଦିନିକିଆ ବିଶ୍ୱ ବିଜେତା ଦଳର ଥିଲେ ସଦସ୍ୟ। କେବଳ ସଦସ୍ୟ ନୁହେଁ ଭାରତକୁ ଚାମ୍ପିଅନ କରାଇବାରେ ଥିଲା ଅତୁଳନୀୟ ଅବଦାନ। ଏହି ଦୁଇ ବିଶ୍ୱକପରେ ଟିମ ଇଣ୍ଡିଆ ପାଇଁ ତାଙ୍କ ଅବଦାନ ଏବେ ବି ଦର୍ଶକଙ୍କ ହୃଦୟରେ ଜୀବୀତ।

୨୦୦୭ ସେହି ଅବିସ୍ମରଣୀୟ ମ୍ୟାଚ୍। ଟି-୨୦ ବିଶ୍ୱକପର ଇଂଲଣ୍ଡ ବିପକ୍ଷରେ ଥିଲା ମୁକାବିଲା। ଯେଉଁ ମ୍ୟାଚରେ ସାରା ବିଶ୍ୱକୁ ଦେଇଥିଲେ ସିକ୍ସର କିଙ୍ଗର ଟ୍ରେଣ୍ଡ। ପ୍ରମାଣ କରିଥିଲେ ତାଙ୍କୁ କାହିଁକି କୁହାଯାଏ ସିକ୍ସର କିଙ୍ଗ। ମ୍ୟାଚରେ ୟୁବରାଜ ଇଂଲଣ୍ଡର ଦୁର୍ଦ୍ଦଶ



ବୋଲର ଷ୍ଟୁଆର୍ଟ ବ୍ରଡଙ୍କୁ ୬ଟି ବଲରେ ୬ଟି ଛକା ମାରି ତାଙ୍କ ନିଦ ହଜାଇ ଦେଇଥିଲେ। ଆଉ ଏହି ୬ଟି ଛକା ସହ ସେ ବିଶ୍ୱ ରେକର୍ଡ ବି କରିଥିଲେ। କେବଳ ସେତିକି ନୁହେଁ ସେ ଏହି ମ୍ୟାଚରେ ଦ୍ରୁତତମ ଅର୍ଦ୍ଧ ଶତକ ମଧ୍ୟ ହାସଲ କରିଥିଲେ। ୧୨ଟି ବଲରୁ କରିଥିଲେ ୫୦ ରନ। ଏଭଳି ରେକର୍ଡ କରିବାରେ ସେତେବେଳେ ସେ ବିଶ୍ୱର ପ୍ରଥମ ଖେଳାଳି ଥିଲେ।

ସେହିପରି ୨୦୧୧ ବିଶ୍ୱକପରେ ୟୁବରାଜଙ୍କ ଅବଦାନ ଥିଲା ଅତୁଳନୀୟ। ଏହି ବିଶ୍ୱକପରେ ଭାରତ ବିଶ୍ୱ ବିଜେତା ବନିଥିଲା। ଆଉ ୟୁବରାଜ ହୋଇଥିଲେ ମ୍ୟାନ ଅଫ ଦି ସିରିଜ। ତାଙ୍କୁ ବିଶ୍ୱକପ ବିଜେତାର ଯୋଦ୍ଧା ବି କୁହାଯାଏ। କାରଣ କ୍ୟାନ୍ସରରେ ପୀଡିତ ହୋଇ ବି ସେ ଦଳ ପାଇଁ ଖେଳିବାକୁ ଗୁରୁତ୍ୱ ଦେଇଥିଲେ। ମ୍ୟାଚ୍ରେ ଦେହ ଖରାପ ପରେ ବି ସେ ମୈଦାନରେ ଦେଖାଇଥିଲେ ଦମ୍। ଏହି ଟୁର୍ଣ୍ଣାମେଣ୍ଟରେ ଟିମ ଇଣ୍ଡିଆର ମିଡିଲ ଅର୍ଡର ବେଶ ଶକ୍ତିଶାଳୀ ଥିଲା। ଏହାର କାରଣ ଥିଲେ ୟୁବରାଜ ସିଂ। କାରଣ ସେ ୨୦୧୧ ବିଶ୍ୱକପରେ ଜବରଦସ୍ତ ଫର୍ମରେ ରହିଥିଲେ।

ପରେ କ୍ୟାନ୍ସର ଯୋଗୁଁ ୨୦୧୧ ବିଶ୍ୱକପ ପରେ ସେ ଦଳଠୁ ଦୂରରେ ରହିଥିଲେ। ସୁସ୍ଥ ହୋଇ ସିନା ଫେରିଲେ, କିନ୍ତୁ ତାଙ୍କ ଫର୍ମ ଆଉ ଫେରିନଥିଲା। ଖରାପ ଫର୍ମ ଯୋଗୁଁ ସେ ଟିମରେ ବହୁତ ସଂଘର୍ଷ କରିଥିଲେ। ଆଉ ୨୦୧୯ ଜୁନ ୧୦ ତାରିଖରେ କ୍ରିକେଟକୁ ସବୁଦିନ ପାଇଁ ଗୁଡ ବାଏ କହିଥିଲେ। ଏହାପର ଠୁ ନା ଦେଖିବାକୁ ମିଳୁଛି ୟୁବରାଜ ସିଂଙ୍କ ବଡ ବଡ ଛକା ନା ଷ୍ଟାଇଲିସ ବ୍ୟାଟିଂ। ଆଜି ଏହି କିମ୍ବଦନ୍ତି କ୍ରିକେଟରଙ୍କ ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା ଜଣାଉଛି ସାରା ଦେଶ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar